





# ଯାଆଁଳା ଭଉଣୀଙ୍କୁ ବିବାହ କରିବା ମହଙ୍ଗା ପଡ଼ିଲା

ମହାରାଷ୍ଟ୍ରର ସୋଲାପୁରରୁ ଏକ ବିବାହର ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଦୁଇ ଯାଆଁଳା ଭଉଣୀ ଜଣେ ଯୁବକଙ୍କୁ ପସନ୍ଦ କରି ଜୀବନସାଥୀ ଭାବେ ବାଛି ବିବାହ କରିଥିବା ଦେଖିବାକୁ ମିଳିଥିଲା। ଯାଆଁଳା ଭଉଣୀ ଦୁହେଁ ଆଇଟି ଇଞ୍ଜିନିୟର ଭାବେ କାମ କରନ୍ତି। ତେବେ ଏହି ବିବାହକୁ ନେଇ ଉଭୟ ବର ଓ କନ୍ୟା ପକ୍ଷ ଖୁସି ଥିବା ବେଳେ ପୁଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରିଛି। ସୋସିଆଲ ମିଡିଆରେ ଏହି ବିବାହ ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଦୁଇଭଉଣୀ ପିଙ୍କି ଓ ରିଙ୍କି ଦୁହେଁ ଆଇଟି ଇଞ୍ଜିନିୟର ଓ ସେମାନେ ମୁମ୍ବାଇରେ କାମ କରନ୍ତି। ଦୁଇ ଯାଆଁଳା ଭଉଣୀ ଅତୁଲ ନାମକ ଯୁବକଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। ଦୁହେଁ ପିଲାଟି ଦିନରୁ ଏକାଠି ରହି ଆସୁଥିବା ବେଳେ ବିବାହ ପରେ ବି ଏକାଠି ରହିବାକୁ ସ୍ଥିର କରିଥିଲେ। ଏଭଳି ସମୟରେ ଦୁହିଁଙ୍କ ଜୀବନରେ ଅତୁଲ ନାମକ ଜଣେ ପୁରୁଷ ଆସିଥିଲେ। ଅତୁଲଙ୍କ ମୁମ୍ବାଇରେ ଟ୍ରାଭେଲ ଏଜେନ୍ସି ରହିଛି। ତେବେ ରିଙ୍କ ଓ ପିଙ୍କିଙ୍କ ବାପାଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ମା’ଙ୍କ ସହିତ ରହୁଥିଲେ। ଏକଦା ତାଙ୍କ ମା’ଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ଅତୁଲଙ୍କ କାର ଭଡ଼ାରେ ନେଇଥିଲେ। ଏହି ସମୟରେ ଅତୁଲ ଦୁଇଭଉଣୀଙ୍କ ସଂସ୍ପର୍ଶରେ ଆସିଥିଲେ। କିଛିଦିନ କଥାବର୍ତ୍ତା ହେବାପରେ ପିଙ୍କି ଓ ରିଙ୍କି ଅତୁଲଙ୍କୁ ବିବାହ କରିବେ ବୋଲି ସ୍ଥିର କରିଥିଲେ। ଏହାପରେ ଅତୁଲ ପିଙ୍କି ଓ ରିଙ୍କିଙ୍କୁ ବିବାହ କରିବେ ବୋଲି ଘରେ କଥା ପକାଇଥିଲେ। ଅତୁଲଙ୍କ ପରିବାରଲୋକ ରିଙ୍କି ଓ ପିଙ୍କିଙ୍କ ମା’ଙ୍କ ସହିତ କଥା ହୋଇ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ବିବାହରେ ତିନିଜଣ ଅର୍ଥାତ ଅତୁଲ, ରିଙ୍କି ଓ ପିଙ୍କି ବହୁତ ଖୁସି ଥିବା ବେଳେ ଅକଲଜ ପୁଲିସ ଥାନା ବର ବିରୋଧରେ ଧାରା ୪୯୪ରେ ମାମଲା ରୁଜୁ କରିଛନ୍ତି। ଏହି ଧାରା ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ ଜୀବିତ ଥିବା ଅବସ୍ଥାରେ କେହି ବି ଅନ୍ୟ ଜଣଙ୍କୁ ବିବାହ କରି ପାରିବେ ନାହିଁ। ଏଭଳି ସ୍ଥିତିରେ ବିବାହ କରିବା ବେଆଇନ ଅଟେ। ଦୁଇଜଣ ମହିଳାଙ୍କୁ ବିବାହ କଲେ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହିତ ଜରିମାନା ବି ରହିଛି। ତେବେ ଏହି ମାମଲା ଏଥିପାଇଁ ରୁଜୁ ହୋଇଛି କାରଣ ଦୁଇ ଜଣ ମହିଳାଙ୍କୁ ଏକାଠି ବିବାହ ହିନ୍ଦୁ ପ୍ରଥାରେ ନାହିଁ।

# ଫିଟ୍ ରହିବା ପାଇଁ ସପୁରୀ ଜୁସ୍ ସେବନ ଜରୁରି

**ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍‌ର ଏକମାତ୍ର ଖାଦ୍ୟ ଉତ୍ସ।**

ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ।

**ବ୍ରଣ ମୁକ୍ତ ହୁଏ:** ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢ଼ିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି। ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

**ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ:** ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରି ହୋଇଯାଏ। ଏହା ପେଟକୁ ଯନ୍ତ୍ରଣା ଦିଏ। ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ।

**ପ୍ରତିରୋଧକ ଶକ୍ତି:** ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢ଼ିଥାଏ।

# ମୁଁ କିଛି ଭାବିବା ପରେ ନିଷ୍ପତ୍ତି ନିଏ

ବଲିଉଡର ମିଷ୍ଟର ପରଫେକ୍ଟନିଷ୍ଟ ତଥା ଅଭିନେତା ଅମୀର ଖାନ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ତାଙ୍କ କ୍ୟାରିୟରରେ ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇଛନ୍ତି। ଯାହା ଭାରତୀୟ ସିନେମା ପାଇଁ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି। ଅମୀର ଖାନଙ୍କୁ ‘ମିଷ୍ଟର ପରଫେକ୍ଟନିଷ୍ଟ’ ମଧ୍ୟ କୁହାଯାଏ। କିନ୍ତୁ ନିକଟରେ ଏକ ସାକ୍ଷାତକାରରେ ଅମୀର ଖାନ ନିଜେ କହିଛନ୍ତି ଯେ ସେ ନିଜକୁ ଜଣେ ପରଫେକ୍ଟନିଷ୍ଟ ବୋଲି ଭାବନ୍ତି ନାହିଁ। ସେ କହିଥିଲେ କି ସେ ମୁଣ୍ଡରୁ ନୁହେଁ ହୃଦୟକୁ ଶୁଣନ୍ତି ଏବଂ ଯାଦୁ ଖୋଜନ୍ତି। ଏକ ସାକ୍ଷାତକାରରେ ଅମୀର କିଛି କହିଛନ୍ତି। ଅମୀର କହିଛନ୍ତି, ‘ଲୋକମାନେ ଭାବନ୍ତି ଯେ ମୁଁ ଜଣେ ପରଫେକ୍ଟନିଷ୍ଟ, ମୁଁ କିଛି ବଡ଼ ଭାବିବା ପରେ ନିଷ୍ପତ୍ତି ନିଏ, ସେମାନେ ସମ୍ପୂର୍ଣ୍ଣ ବୋକା ଭୁଲ୍। ପ୍ରଥମେ ମୁଁ ଚିନ୍ତା କରୁଥିଲି । ଯେତେବେଳେ ମୁଁ ଭୁଲ୍ କରୁଥିଲି। କିନ୍ତୁ ବର୍ତ୍ତମାନ ମୁଁ କେବଳ ମୋ ହୃଦୟରୁ ନିଷ୍ପତ୍ତି ନେଉଛି...। କାହିଁକି ନା ମୁଁ ଲଜିକ୍‌ରେ ଚାଲିବା ବନ୍ଦ କରି ଦେଇଛି । ମୁଁ କେବଳ ମୋର ହୃଦୟକୁ ଅନୁସରଣ କରୁଛି। ମୁଁ ଯାଦୁ ଖୋଜୁଛି, ଯାଦୁ ଚାହେଁ, ପରଫେକସନ୍ ନୁହଁ। କହିବାକୁ ଗଲେ ଏକ ସାକ୍ଷାତକାରରେ ଅମୀର ଜୀବନକୁ ନେଇ ଅନେକ କାହାଣୀ ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ ନିଜେ ମଧ୍ୟ ସିନେମା ଉପରେ ଖୋଲାଖୋଲି କଥା ହୋଇଥିଲେ। ନିକଟରେ ତାଙ୍କ ଶେଷ ଫିଲ୍ମ ରିଲିଜ୍ ହେଲା ଲାଲ ସିଂ ଚଢା, ଯାହା ଏକ ଫ୍ଲପ୍ ବୋଲି ପ୍ରମାଣିତ ହୋଇଥିଲା। ଏହି ଚଳଚ୍ଚିତ୍ରଟି ଅମୀର ଖାନଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା। ଯାହା ବକ୍ସ ଅଫିସରେ ଏକ ବଡ଼ ହିଟ୍ ବୋଲି ପ୍ରମାଣିତ ହୋଇଥିଲା। ହେଲେ ଏହା ଓଟିଟିରେ ରିଲିଜ୍ ହେବା ପରେ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ପସନ୍ଦ ଆସିଥିଲା ଏବଂ ପ୍ରଶଂସା କରାଯାଇଥିଲା।



# ରୁଷୀୟ ବାଳକର ଯୁକ୍ତି, ମୁଁ ମଙ୍ଗଳରୁ ଆସିଛି !

‘ଡେଲି ଷ୍ଟାର’ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରୁଷିଆର ବୋଲଗୋଗ୍ରାଡ୍‌ବାସୀ ବୋରିସ କିପ୍ରିୟାନୋଭିକ୍ ନାମକ ଜଣେ ବାଳକ ନିଜକୁ ଭିନ୍ନ ଗ୍ରହର ମନୁଷ୍ୟ ବୋଲି ଦାବି କରିଛି। ଖାଲି ସେତିକି ନୁହେଁ, ଏ ପ୍ରକାର ବିଭୀଷିକାମୟ ସ୍ଥିତିରୁ ପୃଥିବୀକୁ ବଞ୍ଚାଇବା ଲାଗି ସେ ମଙ୍ଗଳ ଗ୍ରହରୁ ଏଠିକି ଆସିଛି ବୋଲି କହୁଛି। ଏପରିକି ଏହି ନାବାଳକ ଜଣକ ନିଜର ଅଗାଧ ଜ୍ୟୋତିଃଜ୍ଞାନ ଓ ତତ୍‌ସଂକ୍ରାନ୍ତ ଉଦ୍ଭଟ ତତ୍ତ୍ୱ ବଖାଣି ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବୋରିସ୍‌ର ଯୁକ୍ତି ହେଲା, ସେ ମଙ୍ଗଳ ଗ୍ରହର ଅନ୍ୟ ବାସିନ୍ଦାଙ୍କ ସହ ନିଜର ପୂର୍ବଜନ୍ମ ବିତାଇ ସାରିଛି। ସେହି ମଙ୍ଗଳବାସୀଙ୍କର ଅନ୍ତଃଗ୍ରହୀୟ ଏପରିକି ଅନ୍ତଃନକ୍ଷତ୍ରୀୟ ଗମନାଗମନ ବ୍ୟବସ୍ଥା ରହିଥିଲା। ତେବେ ଏଠାରେ ମାନବ ସମାଜକୁ ଧ୍ୱଂସ ହେବାରୁ ରକ୍ଷା କରିବା ପାଇଁ ତାକୁ ପୃଥିବୀକୁ ପଠାଯାଇଛି। ବିଗତ



ବର୍ଷମାନଙ୍କରେ ସେ ଅନେକ ଥର ପୃଥିବୀ ପରିଭ୍ରମଣରେ ଆସିଥିଲା। ତାହାର ଗସ୍ତଗୁଡ଼ିକ ବିଶେଷ କରି ଲେମୁରୀୟ ସମୟରେ ହୋଇଥିଲା, ଯାହା ନିୟୁତ ନିୟୁତ ବର୍ଷ ତଳେ ଭାରତ ମହାସାଗରରେ ରହିଥିବା ଏକ କାଳ୍ପନିକ ମହାଦେଶକୁ ସୂଚାଏ। ସେ ମଧ୍ୟ ନିଜର ଏକ ଛଅସ୍ତରୀୟ ମହାକାଶଯାନ ନିର୍ମାଣ କରିଥିବା ଦାବି କରିଛି ଯେଉଁଥିରେ ସେ ଅନାୟାସରେ ମହାକାଶ ଭ୍ରମଣ କରିପାରିବ। ପେସାରେ ଜଣେ ଡାକ୍ତର ଥିବା ବୋରିସ୍‌ର ମାଆ ମଧ୍ୟ ତାହାର ଜନ୍ମବେଳର ଅଦ୍ଭୁତ ଅଭିଜ୍ଞତାକୁ ବର୍ଣ୍ଣନା କରି ବୋରିସ କଥାରେ କିଛି ସତ୍ୟତା ଥିବା କହିଛନ୍ତି। ରୁଷୀୟ ବିଜ୍ଞାନ ପ୍ରତିଷ୍ଠାନର କିଛି ବିଶେଷଜ୍ଞ ମଧ୍ୟ ବୋରିସର ଶରୀରରୁ



# ଦିବ୍ୟାଙ୍ଗ ଭୂମିକାରେ ସୈୟାମୀ

କ୍ରିକେଟ୍ ଉପରେ ଆଧାରିତ ଅନେକ ଫିଲ୍ମ ଦର୍ଶକ ଦେଖିଛନ୍ତି। କିନ୍ତୁ ସୈୟାମୀ ଖେର ଏଭଳି ଏକ ଫିଲ୍ମରେ ପରଦାକୁ ଆସିବେ, ଯାହା କେବଳ କ୍ରିକେଟ୍ ପ୍ରେମୀଙ୍କୁ ନୁହେଁ, ବରଂ ସବୁ ଲୋକଙ୍କ ମନରେ ସମସ୍ୟା ସହ ଲଢ଼ିବାର ଉତ୍ସାହ ସୃଷ୍ଟି କରିବ। ଫିଲ୍ମ ଦୁନିଆରେ ନିଜର ପ୍ରତିଭା ପ୍ରଦର୍ଶନରେ ଏପର୍ଯ୍ୟନ୍ତ ସଫଳତା ପାଇନାହାନ୍ତି ସୈୟାମୀ। ଏଥର କିନ୍ତୁ ଜଣେ କ୍ରୀଡ଼ାବିତ୍ ମହିଳା ଚରିତ୍ରରେ ଲୋକଙ୍କ ହୃଦୟରେ ଓ ବଲିଉଡ୍‌ରେ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ । ଫିଲ୍ମର ଟାଇଟଲ୍ ‘ଘୂମର’। ଏହା ଆର ବାଲ୍‌କୀଙ୍କ ନିର୍ଦ୍ଦେଶିତ ଏକ ସ୍ପୋର୍ଟସ୍ ଡ୍ରାମା। ଏଥିରେ ସୈୟାମୀ ଜଣେ ଦିବ୍ୟାଙ୍ଗ ମହିଳା କ୍ରିକେଟର ଭୂମିକାରେ ନଜର ଆସିବେ। ଦିବ୍ୟାଙ୍ଗ ହୋଇ କ୍ରିକେଟର ହେବାର ସ୍ୱପ୍ନ ଦେଖିବା ଏବଂ ତମାମ ସମସ୍ୟାର ସମ୍ମୁଖୀନ ହୋଇ ନିଜ ସ୍ୱପ୍ନକୁ ସାକାର କରିବାର କାହାଣୀ ସେ ବଡ଼ ପରଦାରେ ଦେଖାଇବେ । ଫିଲ୍ମକୁ ନେଇ ସେ ଖୁବ୍ ଆଶାବାଦୀ। ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ନିଜ ଭୂମିକା ବିଷୟରେ ସେ କହିଛନ୍ତି ‘ଘୂମର’ମୋ ପାଇଁ ଏପର୍ଯ୍ୟନ୍ତର ସର୍ବାଧିକ ଶାରୀରିକ ଓ ମାନସିକ ଭାବେ ଚ୍ୟାଲେଞ୍ଜିଂ ଭୂମିକା। ଜଣେ ବିକଳାଙ୍ଗ କ୍ରିକେଟର ଭାବେ ମୋ ଯାତ୍ରା ବେଶି ଚ୍ୟାଲେଞ୍ଜିଂ ଥିଲା।’ ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ମୁଖ୍ୟ ଭୂମିକାରେ ଅଛନ୍ତି ଅଭିଷେକ ବଚ୍ଚନ। ସିନେ ଜଗତରେ ନିଜର ପରିଚୟ ସୃଷ୍ଟି ଲାଗି କଠିନ ପରିଶ୍ରମ କରୁଥିବା ସୈୟାମୀଙ୍କୁ ଜଣେ ଗ୍ଲାମରସ୍ ଅଭିନେତ୍ରୀ ଭାବେ ଦର୍ଶକ ଜାଣନ୍ତି। କିନ୍ତୁ ଗ୍ଲାମର ଜଗତକୁ ଆସିବା ପୂର୍ବରୁ ସେ ଜଣେ କ୍ରୀଡ଼ାବିତ୍ ଥିଲେ। ସେ ଜଣେ କ୍ରିକେଟର ବି ଥିଲେ। ମହାରାଷ୍ଟ୍ର ପାଇଁ ସେ ରାଜ୍ୟସ୍ତରୀୟ କ୍ରିକେଟ୍ ଖେଳିଥିଲେ। କ୍ରିକେଟ୍ ପାଇଁ ତାଙ୍କର ଭଲପାଇବା ଏବେ ବି ରହିଛି। ଫିଲ୍ମ ‘ଘୂମର’ର କାହାଣୀ ହଙ୍ଗେରୀର ଦିବ୍ୟାଙ୍ଗ ରାଇଟ୍ ହ୍ୟାଣ୍ଡ ଶୁଟର କାରୋଲି ଟାକାକ୍ସଙ୍କ ଦ୍ୱାରା ପ୍ରେରିତ, ଯିଏକି ବାମ ହାତରେ ଦୁଇଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କର ଏହି ପ୍ରେରଣାପ୍ରଦ କାହାଣୀକୁ କ୍ରିକେଟ୍ ମାଧ୍ୟମରେ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ଫିଲ୍ମମେକର ନିଷ୍ପତ୍ତି ନେଲେ। ଫିଲ୍ମ ‘ମିର୍ଜିୟା’ ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ସୈୟାମୀ ଏକାଧିକ ଫିଲ୍ମ ଓ ୱେବ୍ ସିରିଜ୍‌ରେ କାମ କରିଛନ୍ତି। କିନ୍ତୁ ସଫଳ ହୋଇନାହାନ୍ତି। ଅପ୍‌କମିଙ୍ଗ ଫିଲ୍ମକୁ ନେଇ ତାଙ୍କର ଅନେକ ଆଶା। ଏଇଟି ଆସନ୍ତା ବର୍ଷ ମୁକ୍ତିଲାଭ କରିବ।



# ରକ୍ତରେ ଶର୍କରା ପରିମାଣ ହ୍ରାସ କରେ କଲରା

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟିଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟକର, ମାତ୍ର ରୋଗକୁ ଆୟତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ। ଏହି ରୋଗକୁ ଆଦୌ ଅଣଦେଖା କରାନଯାଇପାରେ। ଏହାକୁ ଅଣଦେଖା କଲେ ଅନେକ ପାର୍ଶ୍ୱ ରୋଗ ବାହାରିଯିବାର ସମ୍ଭାବନା ରହିଛି। ତେବେ ଆପଣ ଯଦି ଏହି ରୋଗକୁ ଆୟତରେ ରଖିବାକୁ ଚାହାନ୍ତି ତେବେ କଲରା ପରି ଭଲ ପରିବା ଆପଣଙ୍କ ପାଇଁ ଅନ୍ୟ କିଛି ହୋଇ ନପାରେ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା, କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ୍ କରାଯାଇପାରେ। ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍‌ସୁଲିନ୍ ପୋଲିପେପ୍‌ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲୁସିସେମିଆ ରୋଗ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ।






# ସମାଜସେବା ପାଇଁ ଅଧ୍ୟାପକ ପ୍ରଦୀପ ଶତପଥୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ

ଜଗତସିଂହପୁର,(ପି.ଏନ): ଜଗତସିଂହପୁର ଉତ୍କୃଷ୍ଟ ଅଧ୍ୟାପନା, ପ୍ରକୃଷ୍ଟ ଅଧ୍ୟାତ୍ମ ଚେତନା, ବଳିଷ୍ଠ ସାହିତ୍ୟ ସାଧନା ତଥା ଏକନିଷ୍ଠ ମାନବ ଆରାଧନାର ନିଛକ ଉଦାହରଣ ହେଉଛନ୍ତି, ଜଗତସିଂହପୁର ଜିଲ୍ଲା, ବାଲିକୁଦା ବ୍ଲକ, ଅଲିକଣା ଗ୍ରାମର ପଣ୍ଡିତ ସୁଦର୍ଶନ ଶତପଥୀଙ୍କ ମଧ୍ୟମ ପୁତ୍ର, ବରିଷ୍ଠ ଅର୍ଥନୀତିଜ୍ଞ ଅଧ୍ୟାପକ ପ୍ରଦୀପ ଶତପଥୀ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ସହିତ ନିରବଚ୍ଛିନ୍ନ ଭାବେ ଗରିବ ଛାତ୍ର ଛାତ୍ରୀଙ୍କୁ ନିଜ ଦରମାରୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବା, ବିଭାଗର ଅତ୍ୟାବଶ୍ୟକତା ପୁରଣ କରିବା, ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଖର୍ଚ୍ଚ କରିବା, ତାଙ୍କର ବୃତ୍ତି କ୍ଷେତ୍ରରେ ମହନୀୟତାର ପରିଚୟ ଦିଏ ।ନିଜର ପୈତୃକ ସ୍ଥାନ ବାଲିକୁଦା ବ୍ଲକର ଅଲିକଣା ଗ୍ରାମରେ ବହୁବିଧ ସାଂସ୍କୃତିକ ଓ ଐଶ୍ୱରିକ କାର୍ଯ୍ୟ ପାଇଁ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା, ତାଙ୍କର ମା ମାଟି ପ୍ରୀତିର ଜ୍ୱଳନ୍ତ ଉଦାହରଣ ଦିଏ । ନିଜ ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନରେ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରସ୍ତର ନିର୍ମିତ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ପ୍ରଦାନ କରି, ନିଜକୁ ଜଣେ ଉତ୍ତମ ପ୍ରକୃତି ପ୍ରେମି ଭାବେ ସାବ୍ୟସ୍ତ କରିପାରିଛନ୍ତି ।ନିଜ ଜିଲ୍ଲାର ଶୈକ୍ଷିକ ବାତାବରଣ ପ୍ରଗତି ପାଇଁ ଅନେକ ପାଠାଗାରକୁ ସାହାଯ୍ୟ ଜାରିରହିଛି ।ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ଅନାଥ ଗରିବ କନ୍ୟା ମାନଙ୍କର ବିବାହ କାର୍ଯ୍ୟରେ ଆର୍ଥିକ ଓ ସାମାଜିକ ସାହାଯ୍ୟ କରି ଚାଲିଛନ୍ତି ।ରାଜ୍ୟ,ଦେଶ ତଥା ବିଦେଶରେ ଥିବା ଅନେକ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ନିରନ୍ତର ସାହାଯ୍ୟ କରୁଛନ୍ତି ।ବିଶ୍ୱବିପତ୍ତି କରୋନା ସମୟରେ, ନିଜ ଜୀବନକୁ ବାଜି ଲଗାଇ, ସମଗ୍ର ରାଜ୍ୟରେ ୨୪ ଘଣ୍ଟିଆ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରି ବିରଳ ସମାଜସେବାର ଉଦାହରଣ ସୃଷ୍ଟି




କରିଛନ୍ତି । ଧର୍ମ ରକ୍ଷା ଅର୍ଥେ ବିଭିନ୍ନ ସ୍ଥାନରେ ଗୀତା ଭାଗବତ ବଣ୍ଟନ ସହିତ ଆଧ୍ୟାତ୍ମିକ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି । ସମାଜ ଓ ସଂସ୍କୃତି ବିକାଶ ପାଇଁ ଭାଷା ସାହିତ୍ୟର ଉନ୍ନତି କଳ୍ପେ ପାରମ୍ପରିକ ଢାଞ୍ଚାରେ ପଦ୍ୟ ଓ ଗଦ୍ୟ ସାହିତ୍ୟ ରଚନା କରିବା ସହିତ ବିଶେଷତଃ ଓଡିଆ ଭାଷାର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି ।ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ପ୍ରଚାର କରୁଛନ୍ତି ।ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେବଭୂମି ହିମାଳୟର ଦିବ୍ୟ ଗୁରୁ ମାନଙ୍କ ଠାରୁ ନିୟମିତ ଆତ୍ମ ଜ୍ଞାନ ଆହରଣ କରି, ସମାଜରେ ଭୌତିକ ଦ୍ରବ୍ୟ ଠାରୁ ଅତିଭୌତିକ ଜ୍ଞାନ ବଣ୍ଟନ କରି ଚାଲିଛନ୍ତି ।ଏତାଦୃଶ ଅବର୍ଣ୍ଣନୀୟ ତଥା ମହାମାନବୀୟ ନିରନ୍ତର ଜ୍ଞାନ, ଦାନ, ଓ କର୍ମଯୋଗ ପାଇଁ ଆମେରିକାନ୍ ମେରିଟ୍ କାଉନସିଲ ତରଫରୁ ପ୍ରକୃତି ତଥା ମାନବବନ୍ଧୁ, ଜଗତସିଂହପୁର ଜିଲ୍ଲା, ବାଲିକୁଦା ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ମହୋଦୟଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି ।

# ରାସ୍ତାରୁ ସ୍ମାର୍ଟଫୋନ ପାଇ ଯୁବକଙ୍କୁ ଫେରାଇଲେ ଶିକ୍ଷକ

ବେତନଟୀ.(ପି.ଏନ) : ବ୍ୟସ୍ତବହୁଳ ବେତନଟୀ ମୁଖ୍ୟବଜାରର କଙ୍କାକାଳିଆ ରେଳ ଧାରଣ ନିକଟରେ ପଡ଼ିଥିବା ସ୍ମାର୍ଟଫୋନକୁ ପାଇ ପ୍ରକୃତ ମାଲିକଙ୍କୁ ଫେରାଇଲେ ଶିକ୍ଷକ କ୍ଷ ସୂଚନା ମୁତାବକ ତାରିଣୀ କୋଚିଂସେଣ୍ଟରର ଅଧ୍ୟକ୍ଷ କମଳାକାନ୍ତ କବାଟ ଓ ଶିକ୍ଷକ ହରିଶ୍ଚନ୍ଦ୍ର ସେନାପତି ମୋଟର ସାଇକେଲରେ ଯାଉଥିବା ବେଳେ କଙ୍କାକାଳିଆଛକ ରେଳ ଫାଟକ ନିକଟରୁ ଏକ ସ୍ମାର୍ଟଫୋନ ପଡ଼ିଥିବାର ଦେଖିଥିଲେ କ୍ଷ ସ୍ମାର୍ଟଫୋନଟି ବଡ଼ସାହି ଥାନା ଅଧୀନ ସୁହାଗପୁରା ଉପକଣ୍ଠ ଗୁହାଳଡ଼ିହି ଗ୍ରାମର ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପୁଅ ଦେବବ୍ରତ ବେହେରାଙ୍କର ବୋଲି ଜଣାପଡିଥିଲା କ୍ଷ ଏଣେ ମୋବାଇଲ ହଜିବାପରେ ବ୍ୟସ୍ତବିବ୍ରତ ହୋଇ ଖୋଜାଖୋଜି



ଆରମ୍ଭ କରିଥିଲେ କ୍ଷ ଆଉ ଅନ୍ୟ ଏକ ଫୋନ ନମ୍ବରରୁ ଦେବବ୍ରତ କଲ କରିବା ପରେ ଶିକ୍ଷାବିତ କମଳାକାନ୍ତ କବାଟ ମୋବାଇଲ ପାଇଥିବା ନେଇ ଜଣାଇଥିଲେ କ୍ଷ ଶେଷରେ ଦେ୍ୱବ୍ରତ ବେତନଟୀରେ ପହଞ୍ଚି କମଳାକାନ୍ତ କବାଟଙ୍କ ନିକଟରୁ ନିଜର ହଜିଥିବା ମୋବାଇଲ ଫେରି ପାଇଲେ କ୍ଷ ଦେବବ୍ରତ କମଳାକାନ୍ତ କବାଟଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଆଜି ଭଳି ସମୟରେ ଲୋଭର ବଶବର୍ତ୍ତୀ ନହୋଇ ସଚ୍ଚୋଟତାର ସହିତ ମୂଲ୍ୟବାନ ସ୍ମାର୍ଟଫୋନ ଫେରାଇ ଥିବାରୁ କମଳାକାନ୍ତଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ ।

# ଚୋରା ବାଲି ଚାଲାଣରେ ୪ ହାଇୱା ଜବତ

ତାଳଚେର,(ପି.ଏନ) : ପରଜଙ୍ଗ ଅଞ୍ଚଳରୁ ଚୋରାରେ ତାଳଚେର ଥର୍ମାଲକୁ ବାଲି ଚାଲାଣ ହେଉଥିବାବେଳେ ଆଜି ସକାଳୁ ଖଣି ଉପ ନିର୍ଦ୍ଦେଶକଙ୍କ ଟିମ୍ ଓ ତାଳଚେର ପୁଲିସ ମିଳିତ ଭାବେ ଏଥିରେ ସଂପୃକ୍ତ ୪ ଟି ହାଇୱାକୁ ଜବତ କରିଥିବାବେଳେ ଗାଡ଼ି ଗୁଡିକରୁ ଫାଇନ କରାଯିବାପାଇଁ ଗାଡ଼ି ଗୁଡ଼ିକୁ ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଅଣାଯାଇଥିବାବେଳେ ଏନେଇ କେହି ଗିରଫ ହୋଇନଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ପରଜଙ୍ଗ ଓ ଓଡ଼ାପଡ଼ା ଆଦି ଅଞ୍ଚଳରୁ ବହୁ ଚୋରା ବାଲି ଗାଡ଼ି ତାଳଚେର ଆସୁଥିବାବେଳେ ବିଭିନ୍ନ ସମୟରେ ତାଳଚେର ଓ କୋଲିୟାରୀ ପୁଲିସ ସେଗୁଡିକୁ ଜବତ କରି ଡ୍ରାଇଭରଙ୍କୁ ଗିରଫ କରୁଛନ୍ତି । ମାତ୍ର ଖଣି ଉପ ନିର୍ଦ୍ଦେଶକ ସ୍କ୍ୱାର୍ଡ ଚୋରା ବାଲି ଚାଲାଣ ରୋକିବାକୁ ଗଠିତ ହୋଇଥିବାବେଳେ ତାଳଚେରରେ ବହୁ ମାତ୍ରାରେ କିପରି ଚୋରା ବାଲି ଚାଲାଣ ହୋଇପାରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସ୍ଥାନୀୟ



କେତେକ ଘାଟର ନବୀକରଣ ହୋଇନଥିବାରୁ ଏହାର ସୁଯୋଗ ନେଇ ଢ଼େଙ୍କାନାଳ ଜିଲ୍ଲାର ବିଭିନ୍ନ ଘାଟରୁ ବେଧଡକ ଚୋରା ବାଲି ଚାଲାଣ ପ୍ରତ୍ୟେକ ଦିନ ହେଉଥିବା ଅଭିଯୋଗ ହେଉଛି । ଫଳରେ ଚୋରା ବାଲି ଚାଲାଣକାରୀ ମାନେ ଏଥିରେ ମାଲାମାଲ ହେଉଥିବାବେଳେ ସାଧାରଣ ଲୋକେ ଘର ନିର୍ମାଣ ପାଇଁ ବହୁ ଉଚ୍ଚ ଦରରେ ବାଲି କିଣୁଥିବା ଅଭିଯୋଗ ହେଉଛି । ଖଣି ଉପ ନିର୍ଦ୍ଦେଶକ ସ୍କ୍ୱାର୍ଡ କେବଳ ଧର୍ମକୁ ଆଖିଠାର ସଦୃଶ ଚଢ଼ାଉ କରୁଥିବାବେଳେ ଚୋରା ବାଲି ଚାଲାଣ କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇପାରୁଥିବା ଅଭିଯୋଗ ହେଉଛି ।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ପୁରାତନ ଛାତ୍ର ବନ୍ଧୁମିଳନ ସମାରୋହ

ସୋର,(ପି.ଏନ) : ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୧୯୮୭ରୁ ୧୯୯୦ ମସିହାରେ ଅଧ୍ୟୟନ ରତ ପୁରାତନ ବନ୍ଧୁ ମାନଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ସମାରୋହ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ମହା ବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଏବଂ ପ୍ରାକ୍ତନ ଅଧ୍ୟାପକ ନେତ୍ରାନନ୍ଦ ରାଉତଙ୍କ ଦ୍ୱାରା ରାଧାନାଥ ରାୟ ଏବଂ ପ୍ରତିଷ୍ଠାତା ଉପେନ୍ଦ୍ରନାଥ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ ଓ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ସଭା କାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତଃ ଛାତ୍ର-ବନ୍ଧୁ ମାନଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରା ଯାଇଥିଲା । ଛାତ୍ର ବନ୍ଧୁ ସ୍ୱର୍ଗତଃ ବସନ୍ତ କୁମାର ପାତ୍ର ଏବଂ ଛାତ୍ରବନ୍ଧୁ ଅମୀୟ ଶତପଥିଙ୍କ ଧର୍ମପତ୍ନୀ ସ୍ୱର୍ଗତଃ ପୂର୍ଣ୍ଣିମା ଶତପଥିଙ୍କର ଫଟୋଚିତ୍ର ଛାତ୍ର ବନ୍ଧୁ ଡାକ୍ତର ଧୀରେଶ କୁମାର ଷଡ଼ଙ୍ଗୀ ଓ ଗୁରୁଦାସ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥି ସହିତ ସ୍ୱର୍ଗତଃ ବସନ୍ତ ପାତ୍ରଙ୍କ ପତ୍ନୀ ଏବଂ ସ୍ୱର୍ଗତଃ ପୂର୍ଣ୍ଣିମା ଶତପଥି ଙ୍କ ସ୍ୱାମୀଙ୍କୁ ଶାଢ଼ୀ ଓ ସାଲ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ମାନ୍ୟବର ଅଧକ୍ଷ ଏବଂ ସଭାପତି ବନମାଳୀ ବାରିକଙ୍କ ସମ୍ୟକ ଅଭିଭାଷଣ ପରେ ପ୍ରାରମ୍ଭିକ ସଙ୍ଗୀତ, ସ୍ମୃତି ସଙ୍ଗୀତ ପରଷି ଭାବମୟ ନିଆରା ପରିବେଶ ସୃଷ୍ଟି କରିଥିଲେ ।ମୁଖ୍ୟ ଉଦ୍ୟକ୍ତା ପ୍ରମୋଦ କୁମାର ଦାସ, ବିନୟ କୁମାର ରଣା, ଉମାକାନ୍ତ ମିଶ୍ର, ରତିକାନ୍ତ ମହାନ୍ତି(ମାନୁ), ନିଗମାନନ୍ଦ, ସୁଧାକର,ଦିଲ୍ଲୀପ ରଥ,ସୁଶାନ୍ତ ପଣ୍ଡା, ଉଜ୍ୱଳ ସାହୁ,ନିରଞ୍ଜନ ପଣ୍ଡା,



ଗାନ ଏବଂ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା ।ବନ୍ଧୁମାନଙ୍କ ଦ୍ୱାରା ସ୍ୱ ସ୍ୱ ପରିଚୟ ପ୍ରଦାନ ପରେ ବନ୍ଧୁମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ନାଚ ଗୀତର ତାଳେତାଳେ ବନ୍ଧୁମାନେ ଖୁସି ମନାଇବା ସହିତ ୫୫/୫୬ ବର୍ଷ ବୟସରେ ବି ନିଜର ହୃତ ବାଲ୍ୟ ଚପଳତା କୁ ଫେରିପାଇବାର ଭାବକୁ ମନୋଜ ରାଉତ, ଗୋକୁଳାନନ୍ଦ ଦଳେଇ, ଅଜିତ ଦାସ ସହିତ ସମସ୍ତ ଛାତ୍ରବନ୍ଧୁ/ବାନ୍ଧବୀ ମାନଙ୍କ ସାହାଯ୍ୟ ଓ ସହଯୋଗ ଆୟୋଜନକୁ ସଫଳ ରୂପ ଦେଇଥିଲା । ଅପରାହ୍ନ ୪ ଘଟିକାରେ ସଭା ଭଙ୍ଗ ସହିତ ଏକ ଆପତକାଳୀନ ସହାୟକ ପାଣ୍ଠି ଗଠନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।

# ସତ୍ତା ସାହିତ୍ୟ ସଂସଦ କୋରାପୁଟ ତରଫରୁ ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ

ଜୟପୁର,(ପି.ଏନ) : କୋରାପୁଟ ଆଦିବାସୀ ସଂଗ୍ରାଳୟ ଠାରେ ସତ୍ତା ସାହିତ୍ୟ ସଂସଦ ର ସଭାପତି ଜଳଧର ସ୍ୱାଇଁ ଙ୍କ ଅଧକ୍ଷତା ରେ ଆୟୋଜିତ ସତ୍ତା ସହିତ ସଂସଦ ର ବର୍ଷାନ୍ତ ସାହିତ୍ୟ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ବର୍ଷର ଶେଷ ସାହିତ୍ୟ ଆସର ହୋଇଥିବାରୁ କବି ଓ କବୟିତ୍ରୀ ଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବା ପାଇଁ ମିଳିଥିଲା କ୍ଷ ବିଭିନ୍ନ ଅଞ୍ଚଳ ରୁ ଆସିଥିବା




ରେ ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ପଦ୍ମନାଭ ସେଠି, ସମ୍ମାନିତ ଅତିଥି ଜଗବନ୍ଧୁ ସାମଲ,ମୁଖ୍ୟ ବକ୍ତା ବିଜୟ ଉପାଧ୍ୟାୟ,ମଞ୍ଚ ପରିଚାଳନା ରବି ଶତପଥି କରିଥିବା ବେଳେ ଦ୍ୱିତୀୟ ଅଧିବେଶନ ରେ ମହାଦେବ ଶତପଥି, ସମାଲୋଚକ ଶ୍ରୀଧର ପରିଡା, ସମ୍ମାନିତ ଅତିଥି ଭାବେ ଚକ୍ରଧର ପାଣି ପରିଛା, କବିତା ସଂଯୋଜନା ଶ୍ରୀମତୀ ସ୍ୱାତି ଚାଟାର୍ଜି, ଅଶୋକ ମହାନ୍ତି ଯୋଗ ଦେଇଥିବା ବେଳେ ସୋମେନ୍ଦ୍ର କୁମାର ସ୍ୱାଇଁ ସଭା କବି ଓ କବୟିତ୍ରୀ ମାନେ ନିଜ ନିଜର କବିତା ପାଠ କରିଥିଲେ କ୍ଷ କବିତା ହେଉଛି ଏକ ଅନନ୍ୟ ଓ ଅସରନ୍ତି କ୍ଷ ଜଣେ କବି ଯେତେବେଳେ କବିତା ଲେଖିବା ବା ପଢିବା ଆରମ୍ଭ କରେ ତାର କବିତା ର ଅନ୍ତ କେବେ ସରେ ନାହିଁ । ବର୍ଷ ର ଶେଷ କବିତା ହୋଇଥିବାରୁ ଦୂର ଦୁରାନ୍ତ ରୁ ଆସିଥିବା କବି ଓ କବୟିତ୍ରୀ ମାନେ କବିତା ଆସର ରେ ମନ ଖୁସିରେ ନିଜର ଶେଷ କବିତା ପାଠ କରିଥିଲେ ।

# ଅବିଭକ୍ତ କୋରାପୁଟ ଜିଲ୍ଲା ବ୍ରାହ୍ମଣ ସମାଜର ନୂତନ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚିତ



ଜୟପୁର(ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ରେ ପ୍ରତ୍ୟେକ ବର୍ଷ ପରି ଆଜି ପୌଷ ଶୁକ୍ଳ ପ୍ରତିପଦା ରେ ୨୦୨୫ ଇଂରାଜୀ ନୂତନ ବର୍ଷର କ୍ୟାଲେଣ୍ଡର, ଜୟପୁରରେ ଶ୍ରୀ ଜଗନ୍ନାଥଙ୍କୁ ମନ୍ଦିରରେ ଅର୍ପଣ ପରେ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ, ମା ଭଗବତୀ, ବଲ୍ଲଭ ନାରାୟଣ, ରଘୁନାଥଙ୍କୁ ସମର୍ପଣ କରି ସମାଜ ଓ ବିଶ୍ୱ କଲ୍ୟାଣ କାମନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ରେ ସମାଜର ସର୍ବଶ୍ରୀ ନରସିଂହ ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ଖଡଗ ରୟ, ବିନୋଦ ମହାପାତ୍ର, ରମେଶ ତ୍ରିପାଠୀ, କିଶୋର ପଣ୍ଡା, ବିଜୟ ଭଟ୍ଟ, ଭବାନୀ ଆଚାର୍ଯ୍ୟ, ସାନ ଚୌଧୁରୀ, ମୁଦି ହୋତା, ନବକୃଷ୍ଣ ରଥ ପ୍ରମୁଖ ଉପ ସ୍ଥିତ ଥିଲେ ।

# ବିଦ୍ୟୁତ ବିଭାଗର ଦାଦାଗିରି, ହାତୁଡ଼ିରେ ଭାଙ୍ଗିଲେ ବିଦ୍ୟୁତ ମିଟର, ଉତ୍ତେଜନା ପରେ ପୁଣି ଭଙ୍ଗା ମିଟର ଲଗାଇଲା ବିଭାଗ

ସୋର,(ପି.ଏନ) : ବିଦ୍ୟୁତ ବିଭାଗର ଅବ୍ୟବ୍ୟସ୍ଥା ଦିନକୁ ଦିନ ଲୋକଲୋଚନକୁ ଆସୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୌରାତ୍ମ୍ୟ ଓ ଦାଦାଗିରି ବଢ଼ିବାରେ ଲାଗିଛି । ଏହାର ଏକ ନମୁନା ଆଜି ସୋର ପୌର ପାଳିକା ଅନ୍ତର୍ଗତ ଆଶ୍ରମଛକ ନିକଟରେ ଦେଖିବାକୁ ମିଳିଛି । ଦୋକାନ ମାଲିକଙ୍କୁ କିଛି ନଜଣାଇ ଦୋକାନ ଘର ଗୁଡିକରେ ଲାଗିଥିବା ପୁରୁଣା ମିଟରକୁ ଭାଙ୍ଗି ସେହିସ୍ଥନରେ ସ୍ମାର୍ଟ ମିଟର ଲଗାଯାଇଛି । ଅଭିଯୋଗ ଅନୁସାରେ ଏହି ଛକ ନିକଟରେ ଘର ଭଡା ନେଇ ଉତ୍କଳଜିତ ମହାନ୍ତି ଓ ବିଜୟ ଶର୍ମା ତେଜରାତି ଦୋକାନ କରିଥିବା ବେଳେ ପ୍ରିତମ ନାୟକ ଏଲଆଇସିର ଏକ ପ୍ରିମିୟମ କଲେକ୍ସନ କାର୍ଯ୍ୟାଳୟ କରିଛନ୍ତି । ଉକ୍ତ ଦୋକାନ ଘରେ ଦୋକାନୀ ମାନେ ନିଜସ୍ୱ ଖର୍ଚ୍ଚରେ ବିଦ୍ୟୁତ ମିଟର ଲଗାଇଥିଲେ । କିନ୍ତୁ ଆଜି ସକାଳେ ସୋର ଟିପିଏନଓଡିଏଲର କର୍ମଚାରୀ ମାନେ ସେଠାରେ ପହଞ୍ଚି ପୂର୍ବ ସୂଚନା ନଦେଇ ହଠାତ ଦୋକାନ ନିକଟରେ ପହଁଚି ପୁରୁଣା



ମିଟର ଗୁଡିକୁ ହାତୁଡ଼ିରେ ପିଟି ଭାଙ୍ଗିବା ସହିତ ନୂଆ ସ୍ମାର୍ଟ ମିଟର ଲଗାଇଥିଲେ ।ଏ ବାବଦରେ ଦୋକାନ ମାଲିକ ମାନେ ଅଭିଯୋଗ କରିବା ପରେ ଉତ୍ତେଜନା ଦେଖାଦେଇଥିଲା ।ଦୋକାନୀ ମାନେ କର୍ମଚାରୀଙ୍କୁ ଅର୍ଡର କପି ମାଗିବାରୁ ସେମାନଙ୍କ ନିକଟରେ ଏହା ନ ଥିବା କହିଥିଲେ ।ଖବରପାଇ ବିଦ୍ୟୁତ ବିଭାଗର ଉପରିସ୍ଥ କର୍ମଚାରୀ ମାନେ ସେଠାରେ ପହଞ୍ଚି ଭଙ୍ଗା ମିଟରକୁ ଯାଞ୍ଚ କରି ମିଟର ଠିକ ଥିବା ଜଣାଇଥିଲେ ଏବଂ ଭୁଲ ସ୍ୱୀକାର କରିଥିଲେ ।ଦୋକାନୀ ମାନେ ଉକ୍ତ ପୁରୁଣା ମିଟର ଲଗାଇବାକୁ ଜିଦ ଧରିଥିଲେ ।କର୍ମଚାରୀ ମାନେ ବାଧ ହୋଇ ନୂଆ ମିଟର ଖୋଲି ପୁରୁଣା ମିଟର ଲଗାଇଥିଲେ ।ତେବେ ଏଠାରେ ପ୍ରଶ୍ନ ଉଠୁଛି କାହା ନିର୍ଦେଶରେ କର୍ମଚାରୀ ମାନେ ପୁରୁଣା ମିଟରକୁ ଭାଙ୍ଗିଥିଲେ, ଏ ବାବଦରେ ତାଙ୍କ ନିକଟରେ ନିର୍ଦ୍ଦେଶନାମା ଥିଲାକି ନାହିଁ ତାହା ତଦନ୍ତ ସାପେକ୍ଷ । ତାଛଡା କାହାକୁ କିଛି ନ ଜଣାଇ ବିନା ନୋଟିସରେ ମିଟର ଗୁଡିକୁ ହାତୁଡ଼ିରେ ଭାଙ୍ଗିବା ବିଦ୍ୟୁତ ବିଭାଗ ତଥା ଟିପିଏନଓଡିଏଲର ଦାଦାଗିରି ନୁହଁକି.. ? ତେବେ ବିଭାଗର ଏ ଭଳି କାର୍ଯ୍ୟକୁ ସହରର ବୁଦ୍ଧିଜୀବି ମାନେ ନିନ୍ଦା କରିବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

# ଶିକ୍ଷକ ଭବନରେ ଉପେନ୍ଦ୍ର ସମାରୋହ ୨୦୨୪ ଅନୁଷ୍ଠିତ

ସୋର,(ପି.ଏନ) : ସୋର ପୌରପାଳିକା ଅନ୍ତର୍ଗତ ଶିକ୍ଷକ ଭବନ ଠାରେ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ' ଉପେନ୍ଦ୍ର ସମାରୋହ ୨୦୨୪'' ପରିଷଦର ସଭାପତି ଖଗନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଣ୍ଣାଢ଼୍ୟ ସଭାରେ ଓଡ଼ିଶାର ବିଶିଷ୍ଟ ସମାଜସେବୀ ଶ୍ରୀ ଲିଙ୍ଗରାଜ ଉପେନ୍ଦ୍ରନାଥଙ୍କ ଅବଦାନର ଉଚ୍ଚ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟର ଦ୍ରୁତ ବ୍ୟବସାୟୀ କରଣ ନେଇ ଆମମାନଙ୍କ ନୀରବତା ଭବିଷ୍ୟତରେ ଏ ଜାତିକୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ସତର୍କ କରାଇ ଦେଇଥିଲେ । ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ଗବେଷକ ଅନୀଲ ଧୀର ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ କୀର୍ତ୍ତିରାଜି ମାନଙ୍କର ଆମେ ଯଦି ଉଚିତ ସମୟରେ ସୁରକ୍ଷା ନ କରିବା ଓ ଉତ୍ତରପିଢ଼ୀକୁ ଗବେଷଣାତ୍ମକ ତଥ୍ୟ ନ ଜଣାଇବା ତେବେ ଖୁବ୍ ଶୀଘ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କହିଥିଲେ । ଉପେନ୍ଦ୍ରନାଥଙ୍କ ପରିବାର ସଦସ୍ୟ ଭାବେ ବସନ୍ତ କୁମାର ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷ ଅଭୟ କୁମାର ମଲ୍ଲିକ ଉପେନ୍ଦ୍ରଙ୍କ ସହ ନିଜର ଅନୁଭୂତି ପ୍ରକାଶ କରିଥିଲେ । ଏହି ଅବସରରେ ୨୦୨୪ମସିହା ଲାଗି ଉପେନ୍ଦ୍ରନାଥ ସମ୍ମାନ ସୁରେନ୍ଦ୍ରନାଥ ବାରିକଙ୍କୁ ପ୍ରଦାନ କରାଯାଇଥିଲା । ଉପେନ୍ଦ୍ରନାଥ ସ୍ମାରକୀ ଅନ୍ତଃବିଦ୍ୟାଳୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର ଚମ୍ପିୟାନ ଟ୍ରଫି ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ,ସୋର ଓ ରନର୍ସ ଅପ୍ ଭାବେ ଉପେନ୍ଦ୍ରନାଥ ଏକାଡେମୀ, ଖିରକୋଣା କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଅମରେନ୍ଦ୍ର ନନ୍ଦ । ଧୀରେନ୍ଦ୍ରେ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁଷ୍ପାରାଣୀ ନାୟକ ଉପେନ୍ଦ୍ର ଗାଥା ଗାନ କରିଥିବା ବେଳେ ମଂଚ ଆହ୍ୱାନ କରିଥିଲେ ଶୈଳବାଳା ପଣ୍ଡା । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଦୀପ ବିଶ୍ୱାଳ । ଏହି ଅବସରରେ ଫୋଟୋଗ୍ରାଫର ଲକ୍ଷ୍ମଣ କୁମାର ବାରିକ, ରେଫେରି ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ସଂଗ୍ରାମ ମହାନ୍ତି ଓ ସିଦ୍ଧାର୍ଥ ସାହୁଙ୍କୁ କୃତଜ୍ଞତା ପତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ ସଦସ୍ୟ ସଦସ୍ୟା ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଚାରି ବିଦ୍ୟାର୍ଥୀଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ୍

ଜୟପୁର (ପି.ଏନ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ଥାନୀୟ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେ +୨ ବାଣିଜ୍ୟ ରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅଂଶୁମାନ ମିଶ୍ର ଏବଂ ସାଙ୍ଗ ମାନେ ଜଗଦୀଶ ହରିଜନ, ସତ୍ୟଜିତ ଚୌଧୁରୀ, ଆଲୋକ ସାଗର କଲେଜକୁ ଲାଗି ନିକଟରେ ଥିବା ପାହାଡ ପଟେ ବୁଲିବାକୁ ଯିବା ସମୟରେ କିଛି ଦୁର୍ବୃତ୍ତ ଛୁରି ଦେଖାଇ ସେମାନଙ୍କ ଠାରୁ ତଥା ଏହି ଚାରି ଜଣଙ୍କ ଠାରୁ ମୋବାଇଲ ଫୋନ ଟାଣି ନେଇଥିବା ବେଳେ ଜଣକଠୁ ୧୦୦ ଟଙ୍କା ମଧ୍ୟ ନେଇଥିବା ଅଭିଯୋଗ ନେଇ ଆଜି ଜୟପୁର ଟାଉନ୍ ଥାନାରେ ଏତଲା ଦେଇଛନ୍ତି ଚାରିଜଣ ଛାତ୍ର । ତେବେ ପୋଲିସ ଛାତ୍ର ଏତଲାକୁ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ଷଣ୍ଢକୁ ଧକା ଦେଇ ସିକ୍ୟୁରିଟି ଗାର୍ଡ ଗୁରୁତର

ସୋର,(ପି.ଏନ) : ସୋର ଥାନା ଶିରାପୁର ନିକଟରେ ଆଜି ସନ୍ଧ୍ୟାରେ ଷଣ୍ଢକୁ ଧକା ଦେଇ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି । ବାଲିକିତିରଣ ଗ୍ରାମର ସଂଜିତ ପୁହାଣ (୭୦) ଜାମୁଝାଡିରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ସନ୍ଧ୍ୟାରେ ସଂଜିତ ବାଇକ ଯୋଗେ ଜାମୁଝାଡି ଯାଉଥିବା ବେଳେ ଶିରାପୁର ନିକଟରେ ଏକ ଷଣ୍ଢ ହଠାତ ତାଙ୍କ ବାଇକ ସମ୍ମୁଖକୁ ଆସିଯାଇଥିଲା । ଫଳରେ ସଂଜିତ ଭାରସାମ୍ୟ ହରାଇ ଷଣ୍ଢକୁ ଧକା ଦେଇ ଗୁରୁତର ଆହତ ହୋଇଥିଲେ ।

# ସୁଦାମ ପଟ୍ଟନାୟକ ହିଞ୍ଜିଳିକାଟୁ ବ୍ଲକ ସଭାପତି ମନୋନୀତ : ବରିଷ୍ଠ କଳାକାର ସଙ୍ଘ

ବ୍ରହ୍ମପୁର,(ପି.ଏନ) : କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ'ର ବର୍ଷାନ୍ତ ସମାବେଶ ବ୍ରହ୍ମପୁର ଉପକଣ୍ଠ ସ୍ଥିତ ଶିଖରପୁର ଶୈବକାଳୀ ପୀଠ ପରିସରରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବଶ୍ରୀ ସୁଦାମ ପଟ୍ଟନାୟକ, ଶଙ୍କର୍ଷଣ ସାବତ, ଯୁଦ୍ଧିଷ୍ଠିର ଗୌଡ଼, ବାବୁ ମହାନ୍ତି, ସୁବାସ ଭୂୟାଁ, ପ୍ରମୁଖ ମଂଚାସୀନ ଅତିଥି ଭାବେ



ଯୋଗଦେଇ ସଂଘର କାର୍ଯ୍ୟାଧାରା ଅତୀବ ମହାର୍ହ ବୋଲି ଉପସ୍ଥାପନ କରିଥିଲେ । ଏହି ଅବସରରେ ହିଞ୍ଜିଳିକାଟୁ ବ୍ଲକ ବରିଷ୍ଠ କଳାକାର ସଂଘର ସଭାପତି ରୂପେ ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ପଟ୍ଟନାୟକଙ୍କୁ ସର୍ବସମ୍ମତ କ୍ରମେ ସଭାପତି ରୂପେ ଚୟିତ କରାଯିବା ସହ ଅନ୍ୟାନ୍ୟ ଅସଂଗଠିତ ବ୍ଲକରେ ସଂଘଶାଖା ପ୍ରତିଷ୍ଠା ନିମନ୍ତେ ତତ୍ପରତା ପ୍ରକାଶ ପାଇଥିଲା । ତତ୍ ସହିତ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ କଳାକାର ଭତ୍ତା ଓ ସଂଗଠନରେ ସାମିଲ କରିବା ଆଳରେ କିଛି ସଂସ୍ଥା ଓ ବ୍ୟକ୍ତିବିଶେଷ ଗ୍ରାମୀଣ କଳାକାରଙ୍କୁ ଶୋଷଣ କରୁଥିବା ନେଇ ଉଦବେଗ ପ୍ରକାଶ ପାଇବା ସହ ପ୍ରତିକାର ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ନେଇ ସ୍ଥିର କରାଗଲା । ସଙ୍ଘ ସହ ସମ୍ପାଦକ ବଳଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ବର୍ଷାନ୍ତ କାର୍ଯ୍ୟକ୍ରମ ହେତୁ ଇଂରାଜୀ ନୂତନ ବର୍ଷ ୨୦୨୫ ନିମନ୍ତେ ଜଗତ୍କଲ୍ୟାଣ ସହ ଜଗତ ବାସୀଙ୍କ ମଙ୍ଗଳ କାମନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ କିଶୋର ଚନ୍ଦ୍ର ମହାରଣା, ମହେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ବଳରାମ ପ୍ରଧାନ, ପ୍ରଦୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ହିଞ୍ଜିଳି ବ୍ଲକର ବହୁ କଳାକାର ଉପସ୍ଥିତ ଥିଲେ ।




# ମୁଣ୍ଡ ଗୁଞ୍ଜିବାର ଜାଗା


ସୁଦର୍ଶନ ମହାପାତ୍ର

କଲିକତାରେ ଗୋଟିଏ ପ୍ରାଇଭେଟ୍ ପେଷ୍ଟସ୍ କମ୍ପାନୀରୁ ବାପା ଛଟେଇ ହେଲା ବେଳକୁ ତାଙ୍କର ହାତ ଶୂନ୍ୟ ଅବସ୍ଥା।ନା ଥିଲା ପେନସନ ନା ଗ୍ରାଚୁଇଟି। ସୀମିତ ଆୟ ଭିତରେ ତିନିଟି ପିଲାଙ୍କୁ ମଣିଷ କରିବା ଚେଷ୍ଟାରେ ଇଚ୍ଛାକୃତଃ କୌଣସି ତ୍ରୁଟି କରିନଥିଲେ ବାପା। ତେଣୁ ମୋ ରୋଜଗାର ଉପରେ ପରିବାର ର ଆଶା ରହିବା ସ୍ୱାଭାବିକ।

ବିଏସସି ପାସ କଲା ପରେ କମ୍ପ୍ୟୁଟର ଡିପ୍ଲୋମା ସାର୍ଟିଫିକେଟ ଧରି ମୁଁ କଲିକତାରେ ପହଞ୍ଚିଲି ଆଉ ବାପାଙ୍କର ଜଣେ ପରିଚିତ ବ୍ୟକ୍ତିଙ୍କ ଜରିଆରେ ଗୋଟିଏ ଫାର୍ମରେ କମ୍ପ୍ୟୁଟର ଅପରେଟର ଭାବରେ ଯୋଗ ଦେଲି।

ବାପା କଲିକତାରେ ରହୁଥିବା ଗୋଟିଏ ଝରକା ବିହୀନ ଖପରୁଲି ଘରେ ରହି ନିଜର ଚାକିରି କାଳ ଶେଷ କଲାବେଳକୁ ମୁଁ ସେଇ ଘରେ ମୋ ଚାକିରି ଜୀବନ ଆରମ୍ଭ କରିଥିଲି। ଅବଶ୍ୟ ବାପା ସର୍ବାନ୍ତଃକରଣରେ ଚାହୁଁ ନଥିଲେ ମୁଁ ସେଇଠି ର ?ହେ ବୋଲି। ହେଲେ ଉପାୟ ଶୂନ୍ୟ ! ସେଇ ଆଠ ବାଇ ଦଶ ଘରେ ବର୍ଷା ହେଉଥିବା ଦିନ ମାନଙ୍କରେ ରାତି କଟାଉଥିବା ବେଳେ ଗରମ ଦିନରେ ସେଇ ଘରୁ ରାସ୍ତା ପର୍ଯ୍ୟନ୍ତ ଲମ୍ବିଥିବା ତିନି ଫୁଟ ଚଉଡାର ଗଳି ରାସ୍ତାକୁ ଶୋଇବାର ସ୍ଥାନ ହିସାବରେ ବାଛି ଥିଲି। ଅବଶ୍ୟ ମୋ ସହ ଅନ୍ୟ ପାଞ୍ଚ ଛଅ ଜଣ ସେଇ ଗଳିରେ ହିଁ ରାତି ପୁହାଉଥିଲେ।

ସେଇ ଚାକିରିରେ ପ୍ରାୟ ଗୋଟିଏ ବର୍ଷ ପୂରିବା ବେଳକୁ ଗୋଟିଏ ମେଡିସିନ କମ୍ପାନୀର ରିପ୍ରେଜେଣ୍ଟେଟିଭ ଚାକିରି ଟିଏ ପାଇ ଓଡ଼ିଶା ଫେରି ଆସିଥିଲି।ପୋଷ୍ଟିଙ୍ଗ ହେଡକ୍ୱାର୍ଟର୍ସ ଷ୍ଟିଲ ସିଟି ରାଉରକେଲା।

ଭୁବନେଶ୍ୱରରେ ଯଥାଯଥ ଟ୍ରେନିଂ ନେଇ ପହଞ୍ଚିଲି ଯାଇ ରାଉରକେଲାରେ। ସାଙ୍ଗରେ ନେଇ ଯାଇଥିଲି ମଉସାଙ୍କ ଝିଅ ବାହାଘର ପରେ ର?ହୁଥିବା ଘରର ଠିକଣା। ଆଗରୁ ଅବଶ୍ୟ ମାଉସୀ ବନ୍ଦିତା ଅପାଙ୍କୁ ମୋ ବିଷୟରେ ଖବର ଦେଇଥିଲେ।ଅପାଙ୍କ ସ୍ୱାମୀଙ୍କର ଷ୍ଟେଟ ବ୍ୟାଙ୍କରେ ଚାକିରି। ନିଜ ଘର ସେଠି।

ସେଇଠି ରହିବାର ପନ୍ଦର ଦିନ ଗଡ଼ି ଯାଇଥିଲା ଅଥଚ୍ ମନକୁ ପାଇଲା ଭଳି ଘରଟିଏ ସେପର୍ଯ୍ୟନ୍ତ ଯୋଗାଡ କରି ପାରିନଥିଲି।ଆଶ୍ରୟ ନେଇଥିବା ଘରେ ଅଶାନ୍ତି ନିଆଁ କୁହୁଳିବାର ଆଭାସ ପାଇଲି। ତେଣୁ ସକାଳୁ ନିଜ କାମରେ ବାହାରି ପୁଣି ରାତିକୁ ଫେରିଲା ବେଳକୁ ଖିଆପିଆ କାମ ଶେଷ କରି ହିଁ ଫେରିଥାଏ। ଉଦ୍ଦେଶ୍ୟ ଅପାଙ୍କୁ ହଇରାଣ ନକରିବା। ଏମିତି ତ ଯେତେ ମନା କଲେ ବି ବନ୍ଦିତା ଅପା ସକାଳୁ କିଛି ନଖୋଇ ଛାଡୁନଥିଲେ।

ଇତି ମଧ୍ୟରେ ରାସ୍ତାରେ ଥରେ ଦେଖା ହୋଇଗଲା ସ୍କୁଲ ବେଳର ସାଙ୍ଗ ଅନନ୍ତ ସହିତ। ସେ ଯେ ସପ୍ତମରୁ ପାଠ ଛାଡି ଆସି ରାଉରକେଲାରେ ପାଣି ପାଇପ ମିସ୍ତ୍ରୀ ହୋଇ ଯାଇଥିଲା ମୋତେ ଜଣାନଥିଲା। ମୋ ପାଇଁ ଘରଟିଏ ବୁଝି ଦେବାକୁ ତାକୁ ଅନୁରୋଧ କରି ଦିନେ ତା ବସାରୁ ଫେରିଲି। ଏମିତି ଆଉ ଚାରି ପାଞ୍ଚ ଦିନ କଟିଲା ବେଳକୁ ଦିନେ ଅପାଙ୍କ ଘରେ ପହଞ୍ଚିଲେ ମାଉସୀ। ସେଇଦିନ ରାତିରେ ହିଁ ସେ ମୋତେ ସେଠୁ ଛାଡି ଅନ୍ୟତ୍ର ରହିବାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଲେ। ମୋତେ ଲାଗିଲା ସେ ଯେମିତି ଆସି ପହଞ୍ଚିଛନ୍ତି ମୋ ଲାଗି ତାଙ୍କ ଝିଅ ଘରେ ଉପୁଜୁଥିବା ଅଶାନ୍ତି କୁ ଦୂର କରିବାକୁ।

'ଘର ମୁଁ ବୁଝି ଆସିଛି ଆଉ ଏଇ ସଙ୍ଗେ ସଙ୍ଗେ ବାହାରିବି' କହି ମୁଁ ମୋ ଜିନିଷପତ୍ର ପ୍ୟାକିଂ କଲି।'କାଲି ସକାଳେ ଯିବୁ' ର ବନ୍ଦିତା ଅପାଙ୍କ ଅନୁରୋଧକୁ ଉପେକ୍ଷା କରି ସେଇ କ୍ଷଣି ଘର ଛାଡିଲି। ମାଉସୀଙ୍କ ମୁହଁ ଉଦାସ ଦିଶୁଥିଲା ସେତେବେଳକୁ...!!

ମୋ ଲକ୍ଷ୍ୟସ୍ଥଳ ଥିଲା ସାଙ୍ଗ ଅନନ୍ତ ର ବାସସ୍ଥଳୀ। ଦୁଇଟି ବ୍ୟାଗ କାନ୍ଧରେ, ସେଥିରୁ ଗୋଟିକରେ କମ୍ପାନୀର ମେଡ଼ିସିନ୍ ସାମ୍ପଲ ସବୁ,ଗୋଟିଏ ହାତରେ ବ୍ରିଫକେଶ ଆଉ ଆର ହାତରେ କମ୍ପାନୀର ବ୍ୟାଗ। ସେଇ ସମୟରେ ଅଟୋ ଟିଏ ପାଇଲିନି ତ ଚାଲିବା ଆରମ୍ଭ କଲି। ଦୁଇ କିଲୋମିଟର ହେବ ବାଟ କିନ୍ତୁ ମୁଁ ଅନାୟାସରେ ଅତିକ୍ରମ କରିଗଲି। ଅନନ୍ତ ପାଖରେ ପହଞ୍ଚିଲା ବେଳକୁ ରାତି ସାଢେ ଦଶ। କବାଟ ନକ୍ କଲି। -' ଆରେ ପ୍ରଦୀପ , ତୁ ! ଏତେ ରାତିରେ..! ହଉ ଆ !'

ଅନନ୍ତ ଆଚମ୍ବିତ ହେଲା କିନ୍ତୁ କିଛି ନପଚାରି ଅସମୟରେ ଆସିଥିବା ଅତିଥିର ସେବାରେ କୌଣସି କାର୍ପଣ୍ୟ କଲା ନାହିଁ।

ପରଦିନ ସକାଳର ଅନୁଭୁତି ଅବିସ୍ମରଣୀୟ। ଅଖା ଘେର ଥିବା ପାଇଖାନା ଭିତରକୁ ପାଣି ବାଲତି ଏବଂ ମଗ୍ ଟିଏ ନେଇ ଯିବାକୁ ପଡ଼ ?। ପାଇଖାନାରୁ ପଛପଟକୁ ମଳ ଯିବାର ବାଟ ହେଉଛି ଅର୍ଦ୍ଧ ଗୋଲାକାର ଖପରୁଲିମାନ ଖଞ୍ଜାଯାଇ ତିଆରି ହେଇଥିବା ଡ୍ରେନେଜ ସିଷ୍ଟମ।

ପାଣି ବାଲତି ଆଉ ମଗ୍ ନେଇ ସେଇଠି ପହଞ୍ଚିଗଲି ତ ଏକରକମ ଭୟଙ୍କର ଶବ୍ଦ କର୍ଣ୍ଣ ଗୋଚର ହେଲା। ସେଇଠି ବାଲତି ରଖି ଏକା ନିଃଶ୍ୱାସରେ ଦଉଡ଼ି ଅନନ୍ତ ପାଖରେ ହାଜର ହେଲି। ମୋ ଭୟର ହେତୁ ଜାଣି ସେ ପ୍ରଥମେ ଅଳ୍ପ ହସିଲା ଏବଂ ପରେ ମୁହଁ ଶୁଖେଇ ଦେଲା। -' ସେଇ ଶବ୍ଦ ଘୁଷୁରୀମାନଙ୍କର। ସେମାନେ ସକାଳେ ଅପେକ୍ଷା କରିଥାନ୍ତି ମଳ ଖାଇବାକୁ। ଖୁସିରେ ସେମାନେ ସେଇପରି ଶବ୍ଦ କରିଥାନ୍ତି। ସେମାନଙ୍କର ପରା ସେଇଟା ଭୋଜି !' ହସି ହସି କହିଲା ଅନନ୍ତ ରୁମରେ ରହୁଥିବା ତା'ର ସାଙ୍ଗ।

ଅନନ୍ତ ରୁମରେ ପ୍ରାୟ ଦଶ ଦିନ ରହିବା ଭିତରେ ଆଉ ଗୋଟିଏ କମ୍ପାନୀର ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ ସୁଧାଂଶୁ ସହ ମୋର ଭେଟ ହେବାପରେ ସେ ମୋ ପାଇଁ ଶୁଭ ଖବର ଆଣି ଦେଲା। ଅନ୍ୟ ମେଡିସିନ କମ୍ପାନୀର ଦୁଇ ଜଣ ପିଲାଙ୍କ ସହିତ ରୁମ୍ ଭଡ଼ା ଭାଗ କରିବାକୁ ମୁଁ ତୃତୀୟ ଜଣ ହୋଇ ପ୍ରବେଶ କଲି। ମୋତେ ମୋ ମନ ମୁତାବକ ଜାଗା ମିଳିଗଲା। ସବୁଠୁ ବଡ଼ କଥା ହେଲା ସେଇ ରୁମ୍ ରେ ରହୁଥିବା ସନ୍ତୋଷ ସହିତ ତା ସ୍କୁଟରରେ ବିଭିନ୍ନ ଏରିଆ ବୁଲି ଡକ୍ଟର ଙ୍କୁ ଭେଟିବାର ସୁଯୋଗ ପାଇଲି। ତା' ସ୍କୁଟରରେ ପଡୁଥିବା ପେଟ୍ରୋଲ ଖର୍ଚ୍ଚ ଅଧା ଅଧା। ଆଗରୁ ଚାଲି ଚାଲି ରାଉରକେଲା ସହରର ଏମୁଣ୍ଡ ରୁ ସେ ମୁଣ୍ଡ ବୁଲୁ ଥିଲି କିମ୍ବା କେବେ ସେଆର ଅଟୋର ସୁବିଧା ନେଉଥିଲି। ରାଉରକେଲାରୁ ବାହାରକୁ ଯିବାକୁ ହେଲେ ବସ୍ ହିଁ ଥିଲା ମୋର ଯାତାୟାତର ମାଧ୍ୟମ। ମୋ ଉପରିସ୍ଥ ମ୍ୟାନେଜର ମୋତେ ଏଥିପାଇଁ ଖୁବ୍ ଗାଳି କରୁଥିଲେ। ଏବେ ବି ମୋର ଠିକ୍ ମନେ ଅଛି।ଅନନ୍ତ କୁ କୃତଜ୍ଞତା ଜଣାଇ ମୁଁ ତା ପାଖରୁ ବାହାରିଲା ବେଳକୁ ସେ ମୋତେ ତା ସାଇକେଲରେ ବସେଇ ଆଣି ବସ୍ ଷ୍ଟପରେ ଛାଡିଥିଲା ଆଉ ତା ଆଖିରେ ଲୁହ ଭରିଥିଲା। ସେଇ ଲୁହ ଭରା ଆଖିର କାରଣ ଯଦିଓ ମୁଁ ଏପର୍ଯ୍ୟନ୍ତ ବୁଝିବାରେ ସକ୍ଷମ ହୋଇନି ହେଲେ ତା'ର ସହୃଦୟତା ମୋ ସାମ୍ନାରେ ଏବେ ବି ଜୀବନ୍ତ! ଆହା,କେତେ ବିଶାଳ ହୃଦୟ ତା'ର ସତରେ...!!

କିଛି ଦିନ ଭିତରେ ସୁଧାଂଶୁ ମୋର ଘନିଷ୍ଠ ହୋଇ ଯାଇଥିଲା। ସେଇ ଜାଗାରେ ଆଉ କେତେ ଜଣଙ୍କ ସହିତ ସମ୍ପର୍କ ମଧ୍ୟ ଗଢ଼ି ଉଠିଥିଲା। ସେଇଠି ବର୍ଷଟିଏ ରହିବା ଭିତରେ ଆଠ ଦଶ ଦିନ ଭିତରେ ଫେରେଇ ଦେବି କହି ମୋ ଠାରୁ ଦୁଇ ହଜାର ଟଙ୍କା ଉଧାର ନେଇ ଆଉ ଶେଷ ପର୍ଯ୍ୟନ୍ତ ଫେରେଇ ନଥିଲା ସୁଧାଂଶୁ। ଇତି ମଧ୍ୟରେ ରାଉରକେଲା ଛାଡି ମୋତେ ସମ୍ବଲପୁର ଯିବାକୁ ପଡିଲା ଆଉ ଗୋଟିଏ କମ୍ପାନୀରେ ସୁଯୋଗ ପାଇ।

ସମ୍ବଲପୁର ଯିବା ପୂର୍ବରୁ କୃତଜ୍ଞତା ଜଣାଇବାକୁ ଯାଇଥିଲି ବନ୍ଦିତା ଅପାଙ୍କ ପାଖକୁ। ଯଦିଓ ତାଙ୍କ ଉପକାର ତୁଳନାରେ ମୋର ଉପହାର ଖୁବ୍ ନଗଣ୍ୟ, ମିଠା ପ୍ୟାକେଟ ସହ ସମସ୍ତଙ୍କ ପାଇଁ ଲୁଗାପଟାର ପ୍ୟାକେଟ ଟିଏ ଦେଇ ମୋର ନୂଆ ଚାକିରିର ସମ୍ବାଦ ଦେଇଥିଲି।

ଏମିତି ଏମିତି ଘରଭଡ଼ା ନେଇ ବିଭିନ୍ନ ଜାଗାରେ ରହିବାର ଅଭିଜ୍ଞତା ମୋର ପ୍ରାୟ କୋଡିଏ ବର୍ଷ ଅତିକ୍ରମ କରିଥିଲା। ଭଡ଼ାଘରେ ରହିବା ଭିତରେ କେତେ ଜଣ ଘର ମାଲିକଙ୍କ ଠାରୁ ଖୁବ୍ ଭଲ ବ୍ୟବହାର ପାଇଛି ତ କେତେଜଣଙ୍କ ଠାରୁ ପାଇଛି ଦୁର୍ବ୍ୟବହାର। ସବୁ କଥା ମନେ ନାହିଁ। କିଛି କଥା ସ୍ମୃତିରେ ଅଛି।

ମୁଁ ହଜାର ସ୍କୋୟାର ଫୁଟ ପରିମିତ ଜାଗାରେ ଘର କରି କଟକରେ ରହୁଛି ଏବେ। ହେଲେ କେଇ ବର୍ଷ ଆଗରୁ ମୋର ବନ୍ଧୁ ଅନନ୍ତ ତା'ର ଘର ପ୍ରତିଷ୍ଠା ଦିବସକୁ ମୋତେ ଡାକିଥିଲା ରାଉରକେଲା।ସେ ଏବେ ଏ-କ୍ଲାସ ଲାଇସେନ୍ସ ପ୍ରାପ୍ତ କଣ୍ଟ୍ରାକ୍ଟର।

ସମୟ କେତେବେଳେ କାହାକୁ କେମିତି ନେଇ ରଖିବ ତା କେବଳ ତାକୁ ହିଁ ଜଣା। ଆମ ଭିତରର ଅବସୋସ ଅଥବା ଉଚ୍ଛ୍ୱାସ ବୁଝିବାକୁ ତା'ର ସମୟ କାହିଁ..? ସେ ତ ସ୍ଥିତପ୍ରଜ୍ଞ...!

କୁଞ୍ଜବିହାରୀ ଲେନ,
କଟକ -୯୪୩୮୧୭୫୫୪୨

# ଦିନୁ


ସୁଚରିତା ମହାନ୍ତି

ହାତରେ କଟୁରୀ ଧରି ଏପଟ ସେପଟ ହେଉଚି। ଥରକୁ ଲେଖା ଠିଆ ହେଇ ଭୁଡୁ ଭୁଡୁ କରି କ'ଣ ମେଞ୍ଚାଏ କହି ଯାଉଚି।କିଛି ବୁଝି ହେଉନଥାଏ।

ସଞ୍ଜ ନଇଁଲାଣି,ତରବର ହୋଇ ମୁଁ ବଗିଚାକୁ ଗଲି ଗଛରେ ପାଣି ଦେବାକୁ। ମୋତେ ଦେଖି ଟିକେ ହସିଦେଲା। ନାଁ ଟି ତା'ର ଦିନୁ।କାନକୁ ଭଲ ଶୁଭେ ନାହିଁ, ଦୁର୍ବଳ ଚେହେରା।ନ ଖଟିଲେ ପେଟ ପୋଷିବ କେମିତି।ଅଧ ଦିନକୁ ଆସି ପଚାରେ ବାବୁ କିଛି କାମ ଅଛି।

ଯଦି କାମ ଥାଏ ତା'ହେଲେ ଘର ମାଲିକ ସରୋଜ ବାବୁ କହନ୍ତି,ହଁ ଅଛି।

ରହ କହୁଚି କ'ଣ କରିବୁ ।

ତା'ପରେ କାମ ବରାଦି କଲେ ସେ ଯାଇ ତା' କାମରେ ଲାଗିପଡ଼?।ଯାହା କାମ ଦେଲେ ସବୁ କାମ ଖୁସିରେ କରିଦିଏ।

ଦୁଇ ପ୍ରହର ହେଲେ ଘରୁ ଆଣିଥିବା ଖାଦ୍ୟ ଖାଇ ଟିକିଏ ବସେ ପୁଣି କାମରେ ଲାଗିପଡ଼?।ଶୀତଦିନ ଶୀଘ୍ର ଶୀଘ୍ର ବେଳ ଗଡ଼ି ଯାଉଚି।

ସେ ଛାନିଆ ହେଉଥାଏ କାମ ସାରି ଘରକୁ ଯିବାପାଇଁ।

ମୁଁ ପଚାରିଲି,ତମ କାମ ସରିଗଲା କି ।

କହିଲା, ନା ବାବୁ କହିଛନ୍ତି ଗଲା ବେଳକୁ ଲେମ୍ବୁ ଗଛଟିକୁ କାଟି ବାହାରେ ଫୋପାଡ଼ି ଦେବୁ।ରହିଲେ ଅଜଥା ରେ ବଣ ହେବ। କଣ୍ଟାଝଟା ଏଠି ସେଠି ପଡ଼ି ଅଳିଆ ହେବ।

ହେଲେ,'ସେଇଟା କାଟିବାକୁ ମୋ ମନ ଜମା କହୁନି।

ଆଉ ବର୍ଷେ? କି ଦୁଇ ବର୍ଷ ରେ ଲେମ୍ବୁ ଧରିବ। ଭାରି ଉପକାରୀ ଗଛଟାକୁ ବାବୁ କାହିଁକି କାଟି ଦେବାକୁ କହୁଛନ୍ତି କେଜାଣି।

ମୋର ଇଚ୍ଛା ହେଉନାହିଁ ସେ ଗଛକୁ କାଟିବା ପାଇଁ। ସେଥିପାଇଁ କଟୁରୀ ଧରି ଏପଟ ସେପଟ ହେଉଚି।ବାବୁ ନାହିଁ କରି ଦିଅନ୍ତେ କି ।

ବିଚରା ଗରିବ ଲୋକଟି କାମ କରିବା କୁ ଆସିଚି।ସାହାସ ଜୁଟେଇ ଗଛଟିକୁ କାଟିବ ନାହିଁ ବୋଲି କହି ପାରୁନି କାଳେ ମାଲିକ ତା' ଉପରେ ବିରକ୍ତ ହେବେ ।

ଦିନୁ ସିନା ଦୁଇ ଅକ୍ଷର ପାଠ ପଢ଼ିନି ମୂର୍ଖ ଲୋକ ଟା, ହେଲେ ତା'ର ଅଳ୍ପ ବୁଦ୍ଧି ରେ ଅନେକ ଜ୍ଞାନ ଭରି ରହିଛି। ବୁଝିବା ଶକ୍ତି ଶିକ୍ଷିତ ଲୋକଙ୍କ ଠାରୁ ଢେର ବେଶି।

ଲେମ୍ବୁ ଗଛଟି ମଣିଷଙ୍କ ପାଇଁ ଭାରି ଉପକାରୀ ବୋଲି ସେ ଜାଣିପାରୁଛି ସେଥିପାଇଁ ତ..।

ତା' କଥା ଶୁଣି କହିଲି,ହଉ, ତମେ ଆଉଥରେ ବାବୁଙ୍କୁ ବୁଝେଇ କହିବ ଯାଅ।

ଯଦି ନ ମାନିଲେ କାଟିଦବ ଆଉ କିଛି ଉପାୟ ନାହିଁ।

ତାଙ୍କ ଗଛ, ତାଙ୍କ ଇଚ୍ଛା ପାଖରେ ଆମେବା ଆଉ କ'ଣ କରିପାରିବା କହିଲ।

ଦିନୁ କହିଲା, ହଁ ତା' ତ ସତ,ହଉ ଦେଖେ ବାବୁ କ'ଣ କହୁଛନ୍ତି।

ମୁଁ କହିଲି,ଗଛ ଯଦି କଥା କହି ପାରୁଥାନ୍ତା। ମଣିଷ କ'ଣ ଯେତେବେଳେ ନାଇଁ ସେତେବେଳେ ମନ ଇଚ୍ଛା କାଟି ପକାଇ ପାରନ୍ତା।

ଦିନୁ କହିଲା,ହଁ ଆଜ୍ଞା।ଦେଖୁ ନାହାନ୍ତି ଦିନ କୁ ଦିନ ତାତି କେତେ ବଢୁଛି। ଆଉ କେଇଟା ବର୍ଷ ପରେ ଗଛଟିଏ ଦେଖିବାକୁ ମିଳିବନି। ଠିକ୍ ସମୟ ଅନୁସାରେ ଯାହା ହେବାକଥା ଆଉ ହେଉନାହିଁ।ମଣିଷ ନିଜ ଗୋଡ଼ରେ କୁରାଢ଼ି ମାରୁଛି।

ମୁଁ କହିଲି,ହଁ ମଣିଷ ନିଜ ସ୍ୱାର୍ଥ ହାସଲ କରିବା ନିଶାରେ ନିଜର କେତେ ଉପକାର କରୁଛି କି ଅପକାର କରୁଛି,ସେ କଥା ଯଦି ବୁଝି ପାରୁଥାନ୍ତା ,' ତା'ହେଲେ ଆଉ ତାକୁ ଦୁର୍ଦ୍ଦଶା ଭୋଗିବାକୁ ପଡୁ ନଥାନ୍ତା।

ହଉ ଛାଡ଼ ସେସବୁ। ଯେତେବେଳେ ଯାହା ହେବାକଥା ହେବ ।

ମୁଁ ଯାଏ କାମ ସାରେ।

ଦିନୁ ବାଡ଼ି ପଛ ପଟକୁ ଯାଇ ଯେତେକ ଶୁଖିଲା ପତ୍ର ଗୋଟେଇ ରଖିଥିଲା ସେଥିରେ ନିଆଁ ଲଗେଇ ଦେଲା।

ଫୁରୁଫୁରୁ ହୋଇ ସବୁ ଜଳିବାକୁ ଲାଗିଲା।

ଧୀରେ ଧୀରେ ଅନ୍ଧାର ଭିତରେ ସବୁକିଛି ଲୁଚି ଯିବାକୁ ବସିଲାଣି। ମୋତେ ଆଉ ଗଛ କଟା ଶବ୍ଦ ଶୁଭୁ ନଥାଏ।

ଭାବିଲି ଦିନୁ ଆଜି ଖୁସି ହୋଇ ଘରକୁ ଫେରିଥିବ।

ଗଛ ଗୁଡ଼ିକରେ ପାଣି ଦେଇ ମୁଁ ଘର ଭିତରକୁ ପଶି ଆସିଲି ।

ବାରିପଦା, ମୟୂରଭଞ୍ଜ
୮୯୧୭୫୬୭୧୨୦୨

## କଥା ଟିକେ କହ

ରତ୍ନକାନ୍ତି ମିଶ୍ର



ତୁ କଥା ବନ୍ଦକଲା ମାତ୍ରେ
ମୋ ପାଖରେ ଠିଆ ହୁଏ ଆସି
ଶୂନ୍ୟତାର ଛାଇଟିଏ
ବ୍ୟତିବ୍ୟସ୍ତ ଲାଗେ
ଆଉ ଗୋଟେ ଅମୃତ ଲଗ୍ନ ପର୍ଯ୍ୟନ୍ତ
ତୋ ସ୍ୱର କୁ ଚାହିଁ ରହିଥାଏ
ମାତ୍ର ଗୋଟିଏ ଦିନର ଅନ୍ତର
ଭାରି ଅସଜଡା ଲାଗେ
ଯେମିତି ସମୟ ପାଲଟିଛି ଉଦଭ୍ରାନ୍ତ
ମୂହୁର୍ତ୍ତ ମାନଙ୍କର ଗତିପଥ କୁ
ରୋଧି ଦେଇଛି
ନିଃଶ୍ୱାସ ନେବାର ଧାରା ବଦଳଯାଇଛି
ଏମିତି କାହିଁକି ହୁଏ ମୁଁ ନିଜେ ବି ଜାଣିନି
ମନ କିନ୍ତୁ ଖୋଜି ହେଉଥାଏ
ବେଶୀ ବେଶୀ
ତୋ ଭଲମନ୍ଦ ଜାଣିବାକୁ
ଚାତକ ପରି ପ୍ରତୀକ୍ଷିତ ମୁଁ
ତୋ କଥା ପଦକରେ ଶୋଷ ଭୁଲିବାକୁ
ଦିନେ ତୋ ସ୍ୱର ନ ଶୁଣିଲେ
ଲାଗେ ଯୁଗଟିଏ ହେବ କଥା ହୋଇନି
ମୁଁ ବହୁତ ଭାବିଛି ଏସବୁର କାରଣ
ହେଲେ ତା'ର ଉତ୍ତର ପାଇନି
ତୁ ଏମିତି ଗପୁଥା
ଗପ ନୁହେଁ ତ,
ସେଇ ମୋ ଜୀଇଁବା କାରଣ
ସେଇତକ ହିଁ ସମ୍ବଳ
ପାଶୋରିବାକୁ ମୋ
ଏକଲାପଣ ...!!!

ଆଳି, କେନ୍ଦ୍ରାପଡା

## ମାଆ ବୀଣାପାଣି

( ରାଗ -- ଚୋଖି )

କବିରତ୍ନ ନୂତନ କୁମାର ବେହେରା



ମାଘମାସ ଶୁକ୍ଳପକ୍ଷେ
ପଞ୍ଚମ ଦିନ ତାରିଖେ
ପାଳନ କରୁ ପଞ୍ଚମୀ ପୂଜାର ବିଧି,
ପୂଜୁ ମାଆ ବୀଣାପାଣି
ମନେ ଶ୍ରଦ୍ଧା ଭକ୍ତି ଆଣି
ଆଶିଷେ ତାଙ୍କର ମିଳେ ଜ୍ଞାନର ବୁଦ୍ଧି,
ଜ୍ଞାନ ବିନା ଜୀବନ ହୀନ
ସୁଦୟାରେ କରିଥାନ୍ତି
ସେ ଜ୍ଞାନଦାନ।୧।
ବୀଣା ହସ୍ତେ ସରସ୍ୱତୀ ତୋଳିଥାନ୍ତି ଜ୍ଞାନ ଗୀତି
ସାରା ସଂସାରର ଜନ କଲ୍ୟାଣ ଅର୍ଥ?,
ପାଇ ବିଦ୍ୟା ମହାରତ୍ନ ପଣ୍ଡିତେ କରନ୍ତି ଯତ୍ନ
ଜନ ହିତେ ରହିଥାନ୍ତି ନିଜ ସାମର୍ଥ,
ମହତ ଗୁଣ ତ୍ୟାଗପଣ,
କୁହନ୍ତି ସର୍ବେ ମହାମୁନି ଋଷିଗଣ।୨।
ବିଦ୍ୟା ଅଧିଷ୍ଠାତ୍ରୀ ଦେବୀ
ଭାବ ଭକ୍ତି ଅନୁଭବି
ଧରାଧାମେ ଆସନ୍ତି ଶ୍ରୀପଞ୍ଚମୀ ଦିନ,
ଭକ୍ତଜନ ମନ ଭରି
ଦିଅନ୍ତି ବିଦ୍ୟା ବିତରି
ସୁନ୍ଦର କରି ଗଢିବାକୁ ଏ ଜୀବନ,
ଭାବ ବିନା ଭକ୍ତି ଆସେନା,
ଲକ୍ଷ୍ୟପଥେ ରହି କରୁ ତା' ଉପାସନା।୩।
ବିଦ୍ୟା ବୁଦ୍ଧି ଜ୍ଞାନ ସାଥେ
ବିବେକ ବିଚାର ମିଶି
ପଞ୍ଚର ସମନ୍ୱୟେ ହୁଏ ଶ୍ରୀପଞ୍ଚମୀ,
ଏ ଧାରଣା ଧ୍ୟାନେ ରଖି
ସୁପଥେ ଚାଲିଲେ ଦେଖି
ସୁକୃତି ଲଭେ ମାନବ ଭବେ ଜନମି,
ପାଏ ସୁଖ ଶାନ୍ତି ଆନନ୍ଦ,
ଦୂର କରିଥାଏ ମନୁ ତା' ଅବସାଦ।୪।
ଦେବୀମାଆ ବୀଣାପାଣି ମନକଥା ସବୁ ଜାଣି
ଆଶୀର୍ବାଦ ଦେଇଥାନ୍ତି ସଦା ଅଜାଡି,
ଶ୍ରମ ସାଧନାରେ ରହି
ଦୁଃଖ କଷ୍ଟ ଯେତେ ସହି
ଜୀବନକୁ ରଖିଥାଏ ତାର ସଜାଡି,
ସୁନାମ କରି ସେ ଅର୍ଜନ,
ଜଗତ ସେବାରେ ଥାଇ
କରେ କଲ୍ୟାଣ।୫।

କୋହି,ବାରିପଦା,ମୟୂରଭଞ୍ଜ,
ଦୂରଭାଷା-୮୦୧୮୩୫୩୨୨

## ବଣଭୋଜି ମଜା ନାହିଁ

ସୁନୀଲ କୁମାର ପ୍ରଧାନ



ବଣ ଭୋଜିରେ ମୋ ଆଉ ଖୁସି ନାହିଁ
ଲାଗୁଥିଲା ଭାରି ମଜା
ସାଙ୍ଗ ସାଥି ମେଳେ ଗାଆଁ ପାହାଡ଼ରେ
ଭୋଜି ପାଇଁ ହୁଏ ସଜା ।
ଜଙ୍ଗଲ ଜାଳେଣୀ ଝରଣାର ପାଣି
ମୋ ଗାଆଁ ପନିପରିବା
ହସ ଖୁସି ମେଳେ ଜେଜେଙ୍କର ଗପ
ସେ ଆନନ୍ଦ କି ପାଇବା ।
ସମୟ ସୁଅରେ ଚାଲିବାକୁ ହୁଏ
ସ୍ମୃତି ଯାଉ ଥାଏ ହଜି
ସେହି ସ୍ମୃତି ଯେବେ ମନେ ପଡ଼ିଯାଏ
ଲେଖୁଛି କବିତା ଆଜି ।

ଝାଟିପଦର , ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬

## ପ୍ରହେଳିକା

ସୁଧାକର ରାଉତ



ତୁମ ଚଲାପଥେ ଦୀପଶିଖା ଭଳି
ଜଳିଛି ମୁଁ ଦିବା ନିଶି
ଅନ୍ଧାରରେ ବାଟ ହୁଡ଼ି କାଳେ ତୁମ
ପାଦ ଦ୍ୱୟ ଯିବ ଖସି ।
ଦୀପର ଆୟୁଷ ସରିବା ପୂର୍ବରୁ
ଗଲ ଚାଲି ବହୁଦୂର
ଏବେ ଖଦ୍ୟୋତ କୁ ଆଲୋକ ଭାବିଣ
ଲୋକ ହସା ହେବା ସାର ।
ମନ ଅଗଣାରୁ କଳଙ୍କ କାଳିମା
ଦେଇଥିଲି ବୋଲି ପୋଛି
ସେ ଦାଗର ଚାରା ମୋ ହୃଦୟେ ରୋପି
ନିଜ ସୁଖ ନେଲ ବାଛି ।
ଯନ୍ତ୍ରଣା ଅଗ୍ନିରେ ଅହରହ ଜଳେ
ଆଶା ଆଶ୍ୱାସନା ଜଳ
ସିଞ୍ଚିବ ବା କିଏ ଆପଣାର ଯେବେ
ଠିଆ ହୁଏ ହୋଇ କାଳ ।
ତୁମ ପ୍ରତାରଣା କ୍ଷତ ବାରମ୍ବାର
ମନେ ଦିଏ ପୂର୍ବ ସ୍ମୃତି
ମୋ ଅନିଚ୍ଛା ସତ୍ତ୍ୱେ ପଶନ୍ତି ଧସେଇ
ରୁଦ୍ଧ କରିଲେ ବି ଛାତି ।
ପ୍ରେମରୁ ବିରହ ଦୂରତା ସେବେଳେ
ନ ହେଲେ ତ ନାହିଁ ମାପି
ଅଶ୍ରୁ ସଳିଳେ ଭିଜି ଗଲେ ହୃଦ
ସେ ଅତୀତ ଦିଏ ଚାପି ।
ତୃଷ୍ଣାରେ କାତର ଚାତକ ପରାୟେ
ଫେରନ୍ତା ପଥକୁ ଚାହିଁ
ଜୀର୍ଣ୍ଣ ଶୀର୍ଣ୍ଣ ପ୍ରାଣେ ଶୂନ୍ୟେ ଚାହିଁ ଅଛି
ଆଶା ତୃଷ୍ଣା ମେଣ୍ଟେ ନାହିଁ ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ପାହାଡ଼ ଓ ମୁଁ

ଜଗଜ୍ଜୀବନ ସା



ସ୍କୁଲ ଉପରର ସ୍ଲାପ ଅଗଣାରେ
ଠିଆ ହୋଇ ଦେଖିଲି ମୁଁ ଯେବେ
ଦିଶୁ ଥିଲ ତୁମେ କେମିତି କେମିତି
ଅଚିହ୍ନା ମୁହଁର ଧାବେ।
ତୁମ ପାଦ ତଳେ
ବନାନୀ ଅଳତା
ମୁହେଁ ସୂରୁଜ ଉଇଁ ଉଠେ।
ଦେହ ଯାକ ସବୁ ନୀଳ ନୀଳ ଦିଶେ।
ଆହା କି ସୁନ୍ଦର, କି ମନୋହର!
ନୀଳ ଦେହେ ତୁମ ସୁନ୍ଦରୀ ଝରଣା
କୁଳୁ କୁଳୁ ବୁହିଆସେ।
ଗୋଡ଼ି, ମାଟି ତୁମ ପଥରର ଦେହେ
ପଶୁପକ୍ଷୀ ବୁଲୁଥାଏ।
ପଚାରିଲି ତୁମକୁ
କେଉଁଠି କୁ ଯାଅ?
ଉତ୍ତର କହିଲ ମତେ
ମୁଁ ସବୁଦିନ ବସିଥାଏ।
ଆହା କି ଆଶ୍ଚର୍ଯ୍ୟ!
ଅଦ୍ଭୁତ ତମେ
କେମିତି ଯେ ନିତି ବସିଥାଅ?
ମୁଁ ଦିନେ ବସିଲେ
ଅଣ୍ଟା ଦରଜ, ଦେହ ଯାକ ସବୁ ଦୁଃଖେ।

ଶିକ୍ଷକ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର,
ଲିମସେର,କଳାହାଣ୍ଡି।
ମୋ -୮୦୧୮୫୩୭୨୮୮

## ସ୍ମୃତିରେ ମୋ ଗାଁ

ଆଦ୍ୟାଶା ମହାପାତ୍ର



ଗାଁ ଦାଣ୍ଡେ ଧୂଳିଘର ଖେଳ
ନଟୁଘୁରାର ନିଆରା କୌଶଳ,
କାଗଜ ତିଆରି ରକେଟ୍ ଉଡା
କଙ୍କି ପଛେ ଥିଲି ମୁଁ ପାଗଳ...
ଦାଣ୍ଡ ଲାଗେ ସଞ୍ଜରୁ ନିଶୂନ
ଶୀତ ସତେ ବରଫର ଛୁଆଁ,
ଜମାକରି କାଠି ଓ ପତର
ସାଙ୍ଗ ସାଥି ଘେରି ନିଆଁ ପୁହା...
ପୋଲୁହ ବନଶୀରେ ମାଛଧରା
ତେଣ୍ଡା ରେ ବିଲକୁ ପାଣିମଡା,
ପଶାପାଲି କଚେ ପୁଅ ବାର
କୁହାଟ ରେ କାନଟା ଅତଡ଼ା...
ଯୋଡ଼ି ବଳଦ କାନ୍ଧରେ ଯୁଆଳି
ଚାଷୀ ଚାଲେ ସକାଳୁ କ୍ଷେତକୁ,
ଲଙ୍ଗଳ ମହୀ ସାଜ ସାଥେ
ପଖିଆ ଟା ଲୋଡା ବରଷାକୁ....
ଖରା ବର୍ଷା ଶୀତ ବା କାକରେ
ହାଡ଼ଭଙ୍ଗା ଶ୍ରମ କୃଷକର,
ଭାଗବତ ପୁରାଣ ଶ୍ରବଣେ
ମେଣ୍ଟିଯାଏ ଥକା ସେଦିନର...
ଯା'ର କୋଳେ ଜୀବନ ମୋ ଗଢ଼ା
ସେ ମୋ ଗାଁ, ସ୍ୱର୍ଗଠୁ ସୁନ୍ଦର
ପିଲାଦିନ ସ୍ମୃତିର ସୁରଭି
ମୋହଗ୍ରସ୍ତ କରେ ନିରନ୍ତର...!!!

ନୂଆପଡା, କଟକ

## ସତରେ କି ଥରେ ଆସିବ ?

ନିରଞ୍ଜନ ସାହୁ



ସପନରେ ତୁମେ ଆସୁଅଛ ପଛେ
ବାସ୍ତବରେ କାହିଁ ଆସୁଛ
କଳ୍ପନା ନେତ୍ରରେ ତୁମ ଛବି ଭାସେ
ସାମ୍ନାରେ ପଦେ କି ଭାଷୁଛ ?
ପଛକୁ ଚାହିଁଲେ ଅବୁଝା ମନଟା
ସ୍ମୃତିରେ ନିହାତି ଜଡ଼ଇ
ଘଟି ଯାଇଥିବା ଅତୀତ ଘଟଣା
ଗୋଟିଗୋଟି ମନେ ପଡଇ
କାହିଁ କେଉଁଦିନ ସତରେ ଆସିକି
ମୋ ମନ ସନ୍ତାପ ନାଶୁଛ ?
ବୟସର ଅପରାହ୍ନ ହୋଇଲାଣି
ଆୟୁଷ ବା କେତେ ରହିଲା
ଶରୀରର ରଙ୍ଗ ଫିକା ପଡିଲାଣି
କେତେ ଦୁଃଖ ପ୍ରାଣ ସହିଲା
ସମୟଟା ମୋତେ ଦେଖେଇ କହୁଛି,
' ସ୍ୱପ୍ନ ରାଇଜରେ ଭାସୁଛ ? '

ନିହଳ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

## ମନେ ପଡେ ଘର ଡାଲମା

ଜଗଦୀଶ ପଣ୍ଡା



ଘରଠୁ ଦୂରେ ଦୂର ସହରେ
ଛୁଟିଦିନର ଦ୍ୱିପହରେ
ହଷ୍ଟେଲର ଖାଦ୍ୟ ଖାଉ ଖାଉ
ମନେ ପଡେ ଘର ଡାଲମା
ସକାଳୁ ସକାଳୁ ତଟକା ପରିବା
କୁଢା ହୁଏରେ ପାହାଡ଼ ପରିକା
ରୋଷେଇ ଘରର ରୂପ ବଦଳେ
ପନିପରିବାର ସମ୍ଭାର ଲାଗିଲେ
ଜଣାପଡେ ଆଜି ମା କ'ଣ ରାନ୍ଧିବେ
ଡାଲମା ହେବ ବୋଧେ ନିଶ୍ଚିତ ଭାବେ
କଦଳୀ ନଡ଼ିଆ ଛଚା କଖାରୁ
ବାଡି ବାଇଗଣ ସଙ୍ଗେ ସାରୁ
ସେଥିରେ ପଡେରେ ଦେଶୀଆଳୁ
ଅନ୍ୟାନ୍ୟ ପନିପରିବା ସକାଳୁ
ଡାଲିଟା ପକେଇ ହେଙ୍ଗୁ ଟିକେ ଦେଇ
ଛୁଙ୍କ ଦିଏରେ ଡାଙ୍କୁଣି ହଟେଇ
ଗୁଆ ଘିଅ ଛୁଙ୍କ ବାଜିଲେ ନାକରେ
ଡାଲମାର ମହକ ଖେଳେ ଘରେ
ଟିକେ ଶୁଙ୍ଘିଦେଲେ ପେଟ ପୁରେ
ତା ବାସ୍ନାରେ ମନରେ ଲୋଭ ଆସେ
ଲେମ୍ବୁ ଲଙ୍କା ଧରି ପ୍ରଥମରେ ବସେ
ଶାଗ ଟିକେ ଥିଲେ ସ୍ୱାଦ ବଢିଯାଏ
ଖାଇଦେଲେ ଆତ୍ମା ତୃପ୍ତି ହୋଇଯାଏ
ଦୂରେ ରହି ସେ ଖାଇବା ଝୁରୁଛି
ନିଜ ହାତ ରନ୍ଧାରେ କି ପେଟ ପୁରୁଛି
କି ଲେଖିବି ଆଉ ଡାଲମାର କଥା
ଭାବିଦେଲେ ଓଠରେ ପାଣି ଆସିଗଲା।

ଅଲାଡିଗାଁ, ଗଂଜାମ

## ଜୀବନ ସଂଗୀତ

ପୂର୍ଣ୍ଣଚନ୍ଦ୍ର ବହଳୀ



ଗୋଟିଏ ଗୀତ ତୁମେ ଶୁଣାଅ
ଗୋଟିଏ ଗୀତ ମୁଁ ଶୁଣାଉଛି
କିଛି ବାଟ ସାଥିରେ କଟାଇବା
ଜୀବନର କଣ ସମୟ ଅଛି ନା
ଠିକଣା ଅଛି
ଚାଲ କିଛି ସମୟ
ହସଖୁସିରେ ବିତାଇବା

ଯାତ୍ରା ବହୁତ ଲମ୍ବା
ରାସ୍ତା କଣ୍ଟକିତ
ଲକ୍ଷ୍ୟସ୍ଥଳ ବହୁତ ଦୂର
ଜୀବନ କେତେଦିନର କିଏ ଜାଣେ
ଚାଲ କିଛି ସମୟ ହସିବା ଅସୁବିଧା କଣ

ଜୀବନ ଏକ ମଧୁର ସଂଗୀତ
କିଏ ଜାଣେ କାଲି ତୁମେ କେଉଁଠି ମୁଁ କେଉଁଠି
ଚାଲ ସବୁ ଦୁଃଖ କୋହକୁ ଦୂରରେ ରଖି
ହସିବାକୁ ଚେଷ୍ଟା କରିବା

ଆସ ଏକ ଯୁଗଳବନ୍ଦୀ ଗାଇବା
ତୁମେ ଗାଇବ ମୁଁ ଗାଇବି
ଯାହା ହୃଦୟକୁ କରିବ ଆହ୍ଲାଦିତ
ନଥିବ ଉଦାସର ଛାୟା
ଭାବିବା ପାଇଁ ନଥିବ ସମୟ
କିଏ କହିପାରିବ ଜୀବନ କେତେଦିନ
ହୁଏ ତ ଜୀବନ ସଂଗୀତ ଶେଷ ହେବା
ପୂର୍ବରୁ ତୁମେ ନ ଥିବ କିମ୍ବା ମୁଁ ନଥିବି
ଆସ କିଛି ଗାଇବା ମିଶିକରି ହସିବା ।

ସମ୍ପାଦକ, ଶିବାନୀ
ଭଦ୍ରକ

## ଆମ ସମ୍ବିଧାନ

ରାମଚନ୍ଦ୍ର ବେହେରା

ଚାରି ସ୍ତମ୍ଭ ଗଢା ଆମ ସମ୍ବିଧାନ
ଶ୍ରେଷ୍ଠର ଦରଜା ପାଏ
ବିଧାୟିକା ପୁଣି କାର୍ଯ୍ୟପାଳିକାର
ଶୃଂଖଳା ନୀତିକୁ କୁହେ
ଆଇନକୁ ବକ୍ଷେ ଧରି
ନ୍ୟାୟପାଳିକା ଓ ସଂଚାର ମାଧ୍ୟମ
ଚାଲେ ନ୍ୟାୟ ଅନୁସରି।
ଗଣତନ୍ତ୍ର ରାଷ୍ଟ୍ର ମାନ ମହତକୁ
ଅକ୍ଷୁର୍ଣ୍ଣ ରଖିବା ପାଇଁ
ନୀତି ନିୟମର ହେଲା ପ୍ରଣୟନ
ସମ୍ବିଧାନ ରୂପ ନେଇ
ସେ ନୀତି ଦେଶେ ଆଦୃତ
ଧର୍ମ ନିରିପେକ୍ଷ ରାଷ୍ଟ୍ର ବୋଲି ସିଏ
ସମଗ୍ର ବିଶ୍ୱେ ବନ୍ଦିତ।
ପୂଜ୍ୟ ଭୀମରାଓ ଆମ୍ବେଦକରଂକ
ବଳିଷ୍ଠ ଆଇନ ଝର
ସମ୍ବିଧାନ ରୂପେ ପାଇଲା ସମ୍ମାନ
ସର୍ବ? କଲେ ଆପଣାର
ସେଦିନ ହେଲା ଅମର
ସାର୍ବଭୌମତାର ପତାକା ଉଡାଇ
ସର୍ବ? ହେଲେ ଏକାକାର।
ଜାତୀୟ ସଂହତି ଦେଶ ଅଖଣ୍ଡତା
ବଜାୟ ରଖିବା ପାଇଁ
ଜାତି ଧର୍ମ ଭୁଲି ନୀତି ନିୟମକୁ
ପାଳନ୍ତି ଭଉଣୀ ଭାଇ
ମନାନ୍ତି ସ୍ୱରାଜ ପର୍ବ
ଦେଶ ହିତ ପାଇଁ ସଂକଳ୍ପ ନିଅନ୍ତି
ମନରେ ନରଖି ଗର୍ବ।
ସତ୍ୟକୁ ଆଦରି ଆମ ସମ୍ବିଧାନ
ନ୍ୟାୟକୁ ସମ୍ମାନ ଦିଏ
ପ୍ରତିବର୍ଷ ଆସେ ସ୍ୱରାଜ ଦିବସ
ସଭିଂକ ପରାଣ ଛୁଏଁ
ମନେ ପଡେ ତା'ର ଦାନ
ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ
ଦିଏ ସେ ସଦା ଆହ୍ୱାନ।

ତେନ୍ତୁଳିପଦା,ଜଗତସିଂହପୁର




# ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ଉଦ୍‌ଘାଟିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସଂସ୍କୃତି ଭବନ ପରିସରରେ ନବନିର୍ମିତ ଆଂଚଳିକ ଚିତ୍ରକଳା ଗ୍ୟାଲେରୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଭାସି(ଭର୍ଚୁଆଲ)ରେ ଉଦଘାଟନ କରିଛନ୍ତି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ନିର୍ମିତ ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ଗଞ୍ଜାମ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟଠାରେ ନିର୍ମିତ ୫ଟି ଆଂଚଳିକ ଆର୍ଟ ଗ୍ୟାଲେରୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଭାସିରେ ଉଦଘାଟିତ ହୋଇଥିଲା । ଏହି ଅବସରରେ ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ସଂସ୍କୃତି ଏବଂ କଳାର ଗନ୍ତାଘର । ଆମ ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ହସ୍ତଶିଳ୍ପର ପରମ୍ପରା ଅନନ୍ୟ । ଏହା ଆମ ସାଂସ୍କୃତିକ ଐତିହ୍ୟର ବିବିଧତାକୁ ଦର୍ଶାଇଥାଏ । କଳା ଆମ ରକ୍ତରେ ପ୍ରବାହିତ ଏବଂ ମସ୍ତିଷ୍କରେ ସନ୍ନିବେଶିତ । ଏହି କଳାତ୍ମକ ପରମ୍ପରାକୁ ବଂଚାଇବାର ଦାୟିତ୍ୱ ଆମ ସମସ୍ତଙ୍କର । ଏହାର ସୁରକ୍ଷା, ସଂରକ୍ଷଣ ସହିତ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ସ୍ଥାନୀୟ ଚିତ୍ରଶିଳ୍ପୀ ଓ କଳାପ୍ରେମୀଙ୍କୁ ଉତ୍ସାହିତ କରିବ ଏବଂ କଳାର ବିକାଶରେ ସହାୟକ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟବର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆର୍ଟ ଗ୍ୟାଲେରୀଗୁଡିକ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କ ସୃଜନାତ୍ମକ ବିକାଶରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶା ଲଳିତ କଳା ଏକାଡେମୀ ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ.ପାଣ୍ଡିଆନ, ଉନ୍ନୟନ କମିଶନର ଶ୍ରୀ ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଲଳିତ କଳା ଏକାଡେମୀ, କାର୍ଯ୍ୟକାରୀ ସମିତି ସଭ୍ୟ ଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଆଂଚଳିକ ଆର୍ଟ ଗ୍ୟାଲେରୀରେ ବିଭିନ୍ନ ଚିତ୍ରଶିଳ୍ପୀଙ୍କ ୩୩ଟି ଚିତ୍ରକଳା ସ୍ଥାନିତ ହୋଇଥିବାବେଳେ ଅତିଥିମାନେ ଏହାକୁ ବୁଲି ଦେଖିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ ମେଡିକାଲ ରୋଡସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଙ୍ଘ ପକ୍ଷରୁ ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ସଙ୍ଘର ଉପଦେଷ୍ଟା ପୀତାମ୍ବର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଡିସେମ୍ବରମାସ ୧୭ତାରିଖରେ ସରକାରୀ ସ୍ତରରେ ପେନସନ ଦିବସ ପାଳନ କରାଯିବା ସହ ପେନସନଭୋଗୀମାନଙ୍କୁ ଚିକିତ୍ସା ଭ । ପ୍ରଦାନ କରିବା, ପେନସନ ବାର୍ଷିକ ଇନକ୍ରିମେ ପ୍ରଦାନ କରିବା, ପ୍ରତ୍ୟେକ ପେନସନରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ବରିଷ୍ଠ ନାଗରିକ ଭାବେ ପରିଚୟପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହାବ୍ୟତିତ ପେନସନଭୋଗୀମାନେ ସାଂସାରିକ ଜଞ୍ଜାଳରୁ ମୁକ୍ତ ରହି ନିଜକୁ ସମାଜସେବାରେ ନିୟୋଜିତ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ଚକ୍ରରେ ସଙ୍ଘର ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ରଙ୍ଗାଧର ସାହୁ, ଭ୍ରମର ରାଉତ, କ୍ଷୀରୋଦ ପ୍ରସାଦ ଦାସ, ମହମ୍ମଦ ଜାହିଦ, ରବିନ୍ଦ୍ର ନାଥ ରଥ, କେଶବ ଚରଣ ସେଠୀ, ପତିତପାବନ ଲେଙ୍କା, ଶିଶିର କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜଗତସିଂହପୁର ଜିଲ୍ଲା ସ୍ତରୀୟ ଯୁବ ଲେଖକ ସମ୍ମିଳନୀ

ଜଗତସିଂହପୁର, (ପି ଏନ): ଓଡ଼ିଆ ପକ୍ଷ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲା ସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଜଗତସିଂହପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ. ସୁଜାତା ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଥିଲେ। ଏହି ସମ୍ମିଳନୀରେ ଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଜେନା, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ଶ୍ରୀଯୁକ୍ତ ଅଜୟ କୁମାର ବେହେରା ଓ ଗୀତିକବି ଶ୍ରୀଯୁକ୍ତ ଉମାକାନ୍ତ ନାୟକ, ଜଗତସିଂହପୁର ସାହିତ୍ୟ ପରିଷଦର ଉପ ସଭାପତି ଶ୍ରୀଯୁକ୍ତ ବଂଶୀଧର ବେହେରା ଯୋଗ ଦେଇଥିଲେ। ବିଚାରକ ଭାବେ ଡ. ଶରତ ଚନ୍ଦ୍ର ମହାରଣା ଓ ଶ୍ରୀଯୁକ୍ତ ଅଭିରାମ ଶତପଥୀ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଓଡ଼ିଆ କବିତାରେ ତୃପ୍ତିମୟୀ ବେହେରା,ପ୍ରଥମ, ପ୍ରିୟଙ୍କା ଖଟୁଆ,ଦ୍ୱିତୀୟ ଓ ଶ୍ରୁତିରୂପା ରାୟ ତୃତୀୟ ସ୍ଥାନ , ଓଡ଼ିଆ କ୍ଷୁଦ୍ର ଗଳ୍ପ ବିଭାଗରେ ପ୍ରତୀକ୍ଷା ସିଂହ, ପ୍ରଥମ, ଆୟୁଷମତୀ ଯାଜ୍ଞସେନୀ ନାୟକ,ଦ୍ୱିତୀୟ ଓ ଆଶୁତୋଷ ପରିଡ଼ା ତୃତୀୟ ସ୍ଥାନ ଏବଂ ଓଡ଼ିଆ ପ୍ରବନ୍ଧରେ ସ୍ୱାଭିମାନ ପାତ୍ର, ପ୍ରଥମ, ଶୁଭେଚ୍ଛା ଦୀପାଳିନୀ, ଦ୍ୱିତୀୟ ଓ ସତ୍ୟଜିତ ବାରିକ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସ୍ମୃତିଫଳକ, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ମଞ୍ଚ ସଂଯୋଜନା ଧନ୍ୟବାଦ ଅର୍ପଣ କରିଥିଲେ ଡ. ସୁଜାତା ମୁଣ୍ଡ । ଏଥିରେ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଡ. ମନୋଜା ମଞ୍ଜରୀ ସ୍ୱାଇଁ, ବନ୍ଦିତା ଦାସ, ଅମ୍ରିତା ମହାନ୍ତି, ବଳଭଦ୍ର ପାଢ଼ୀ, ନିହାର ରଞ୍ଜନ ସ୍ୱାଇଁ, ଜିତୁ ପ୍ରସାଦ ମଲ୍ଲିକ, ଦିଲ୍ଲୀପ କୁମାର ମୁଦୁଲି, ଡ. ନୃସିଂହ ଚରଣ ସାମନ୍ତରାୟ, ସତ୍ୟବ୍ୟସାଚୀ ତ୍ରିପାଠୀ, ଅମିତାଭ ସ୍ୱାଇଁ, ଅସୀମ ଅମିତାଭ ଲେଙ୍କା, ଶୁଭେନ୍ଦୁ ମୋ ?ଳି ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ପାଣି ପାଇଁ ଅଁଳାପାଳ ଗ୍ରାମବାସୀ ଡହଳ ବିକଳ

ବାଲେଶ୍ୱର (ପିଏନ୍)-ନୀଳଗିରି ବ୍ଲକ ବରହମପୁର ଅଁଳାପାଳ ପାନୀୟଜଳ ଯୋଗାଣ ପ୍ରକଳ୍ପର ବିଲ ଦେୟ ବାକି ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜଳଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ବି ସେ ଶୁଣୁନାହାନ୍ତି। ଶେଷରେ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କ ୃପକ୍ଷଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ଏହି ଜଳଯୋଗାଣ ପ୍ରକଳ୍ପରୁ ଅଁଳାପାଳ ଗ୍ରାମର ଶତାଧିକ ପରିବାର ତିନିବର୍ଷ ଧରି ପାନୀୟ ଜଳ ବ୍ୟବହାର କରି ଆସୁଛନ୍ତି। ତେବେ ପ୍ରକଳ୍ପ ଉପରେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ବିଲ ବାକି ଥିବାରୁ ବିଦ୍ୟୁତ ବିଭାଗ ବାରମ୍ବାର ବିଦ୍ୟୁତ୍ ସଂଯୋଗ କାଟି ଦେବାକୁ ଚେତାବନୀ ଦେଇଥିଲେ। କୌଣସି ଉପାୟ ନ ପାଇ ଗ୍ରାମବାସୀ କିଛି କିଛି ଚାନ୍ଦା ଆଦାୟ କରି କିଛି ବିଲ ପଇଠ କରିବାକୁ ଯାଇଥିଲେ। ବିଦ୍ୟୁତ୍ ବିଭାଗ କ ୃପକ୍ଷ ଏହାକୁ ଗ୍ରହଣ ନ କରି ଫେରାଇ ଦେଇଥିଲେ। ସବୁତକ ବିଲ ଦେୟ କରା ନ ଗଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି କହିଥିଲେ। ଏ ନେଇ ଗ୍ରାମବାସୀ ଜଳଯୋଗାଣ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ବିଭାଗୀୟ ଅଧିକାରୀ ବିଦ୍ୟୁତ ଦେଞ୍ଚ ପଇଠ ପାଇଁ କୌଣଶି ତତ୍ପରତା ପ୍ରକାଶ କରି ନ ଥିଲେ । ଶେଷରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଯାଇ ଗି ୨୨ ତାରିଖରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଗଲା। ଯାହା ଫଳରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ସପ୍ତାହେ ହେଲା ପାଣି ପାଇବାରୁ ବ ିତ ହୋଇଛନ୍ତି। ଯଦି ବିଭାଗୀୟ କ ୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମର ରୁଦ୍ରକାନ୍ତ ସାହୁ, ମୂରଲୀଧର ସାହୁ, ବସନ୍ତ ବେହେରା, ସବିତା ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କେନ୍ଦ୍ରାପଡା କଲେଜ ସମାଜ ବିଜ୍ଞାନ ବିଭାଗ ଆଲୋଚନା ଚକ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡଃ. ପ୍ରହଲ୍ଲାଦ କୁମାର କର "ସାମାଜିକ ଗବେଷଣା କ୍ଷେତ୍ରରେ ପରିକଳ୍ପନାର ଭୂମିକା" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୂଲ୍ୟବାନ ମତାମତ ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀମାନେ କିପରି ଗବେଷଣା କ୍ଷେତ୍ରରେ ଏହାର ସଦୁପଯୋଗ କରିପାରିବେ ସେ ସମ୍ପର୍କରେ ପର୍ଯ୍ୟାପ୍ତ ତଥ୍ୟ ପ୍ରଦାନ କରିଥିଲେ ଡଃ. କର। ବିଭାଗୀୟ ମୁଖ୍ୟ ଡଃ. ସୁଷମା ଶତପଥୀଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏହି ଆଲୋଚନାରେ ଉପସ୍ଥିତ ଥିଲେ।

# ଖରିଆବାହାଲର ରାସ୍ତା, ନାଳି ଓ ରାସ୍ତା ଆଲୋକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅ'ର୍ଗତ ୫ ନମ୍ବର ୱାର୍ଡର ଖରିଆବାହାଲ ବସ୍ତି ଅ ଳରେ କଂକ୍ରିଟ୍ ରାସ୍ତା ଓ ନାଳି ନିର୍ମାଣ ସହିତ ବସ୍ତିକୁ ଆଲୋକିତ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଏହି ମର୍ମରେ ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ବସ୍ତିର ପ୍ରତିନିଧି ଶ୍ରେଣୀର ବ୍ୟକ୍ତିମାନେ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ଜ୍ଞାପନ କରିଛନ୍ତି । ଏହି ବସ୍ତି ଅ ଳରେ ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆବଶ୍ୟକୀୟ ନାଳି ଅଭାବରୁ ବସ୍ତିବାସୀଙ୍କ ବ୍ୟବହୃତ ମଇଳା ଜଳ ଓ ବର୍ଷା ଜଳ ବାହାରକୁ ନିଷ୍କାସିତ ହୋଇନପାରି ବସ୍ତି ମଧ୍ୟରେ ଗୋଟିଏ ସ୍ଥାନରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ପ୍ରତିନିଧିମାନେ ଏହି ଅବସରରେ କହିଥିଲେ । ସେହିପରି କଂକ୍ରିଟ୍ ରାସ୍ତା ନଥିବାରୁ ବସ୍ତିବାସିନ୍ଦାମାନେ ସାମାନ୍ୟ ବର୍ଷା ହେଲେ ଯାତାୟତରେ ଗୁରୁତର ବାଧା ସୃଷ୍ଟି ହେଉଛି ବୋଲି ପ୍ରକାଶ କରି ତୁର' ଏହି ରାସ୍ତା ଓ ନାଳି ନିର୍ମାଣ ପ୍ରତି କ ୃପକ୍ଷ ଧାନ ଦେବାକୁ ପ୍ରତିନିଧିମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ ବସ୍ତି ପାର୍ଶ୍ୱ ରାସ୍ତାକୁ ଆଲୋକୀକରଣ କରାଯାଇଥିବା ବେଳେ ବସ୍ତି ମଧ୍ୟକୁ ବିଦ୍ୟୁତ୍ ଖୁ ପକାଇ ଆଲୋକୀକରଣ କରାଯାଇନଥିବାରୁ ଅନ୍ଧାରରରେ ଯାତାୟତ କରୁଥିବା ବସ୍ତିବାସୀ ଗୁରୁତର ବାଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ । ତେଣୁ ଏସବୁ ସମସ୍ୟାର ଆଶୁ ସମାଧାନ ପାଇଁ ବସ୍ତିବାସୀମାନେ ଏହି ଅବସରରେ ପ୍ରଦ ସ୍ମାରକପତ୍ରରେ ଉଲ୍ଲେଖ କରି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ତେବେ ଉପକମିଶନର ଶ୍ରୀ ଭୋଇ ଖୁବ୍‌ଶୀଘ୍ର ଇନିୟରିଂ ବିଭାଗର ଅଧିକାରୀ ଉକ୍ତ ଅ ଳ ଗସ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ଉକ୍ତ ୱାର୍ଡର ବାସିନ୍ଦା ତଥା ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଜିଲ୍ଲା କଂଗ୍ରେସ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସମ୍ପାଦକ ମହମ୍ମଦ ସଲ୍ଲାଉଦ୍ଦିନ ଏବଂ ମାରିଆନୁସ ଏକ୍କା ଓ ଏସ୍‌ସି ସେଲ୍ ବ୍ଲକ୍ ଅଧ୍ୟକ୍ଷ ଶ୍ୟାମ ସାଗରଙ୍କ ସହିତ ଖରିଆବାହାଲ ପ୍ରତିନିଧି ଶ୍ରେଣୀୟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତରଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ବିଭୁ ପ୍ରସାଦ ମିଶ୍ରଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଡା. ମିଶ୍ରଙ୍କ ଘର ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପିକରାଳି ଗ୍ରାମରେ। ରାତିରେ ଅଚାନକ ସେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଅକାଳ ବିୟୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଏଡିଏମଓ ସଚିଦାନନ୍ଦ ମିଶ୍ର, ଡା. ମିର୍ଜାବାବର ବେଗ, ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡା. ଅଶୋକ ଚନ୍ଦ୍ର କର, ଡା. କିଶୋର ଆଚାର୍ଯ୍ୟ, ଡା. ବୈକୁଣ୍ଠ ପଣ୍ଡା, ଡା. ସଞ୍ଜୀବ ସେଠୀ, ଡା. ଅଶୋକ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## କୋଲକତାରେ ଓଡିଆ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିବା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅନିରୁଦ୍ଧ ବିଶ୍ୱାଳ(୫୧)ଙ୍କ କୋଲକତାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଖବରପାଇ ପରିବାର ଲୋକ କୋଲକତାରେ ପହଁଚି ମୃତଦେହକୁ ଗତକାଲି ଗାଁକୁ ଆଣିଛନ୍ତି । ଏକ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅନିରୁଦ୍ଧଙ୍କ ଅକାଳ ବିୟୋଗରେ ପରିବାରବର୍ଗ ବେସାହାରା ହୋଇପଡିଛନ୍ତି । ବୃଦ୍ଧା ମା' ଧୋବଣୀ, ପୁଅ ସଂଗ୍ରାମ, ଝିଅ ଶୁଭଲକ୍ଷ୍ମୀଙ୍କୁ କିପରି ପ୍ରତିପୋଷଣ କରିବେ ଏନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି ବିଧବା ପତ୍ନୀ ଆଶାଲତା । ପ୍ରକାଶ ଯେ, ଜନ୍ମମାଟିରେ କାମଧନ୍ଦା ନପାଇ ଅନିରୁଦ୍ଧ ପ୍ରାୟ ୨୦ବର୍ଷ ହେଲା ଦାଦନ ଖଟିବାକୁ କୋଲକତା ଚାଲିଯାଇଥିଲେ । କୋଲକତାର ନିର୍ମଳ ଚନ୍ଦ୍ର ଷ୍ଟ୍ରିଟ୍‌ସ୍ଥିତ ପିକେ ରାୟ କମ୍ପାନୀରେ ଶ୍ରମିକଭାବେ କାମ କରୁଥିଲେ । ତେବେ କୋଲକତା-୧୨/୨୬ସି ଲେନ୍‌ରେ ଚା' ପିଇବା ପାଇଁ ୪ଜଣ ସହକର୍ମୀଙ୍କ ସହିତ ଅନିରୁଦ୍ଧ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ୪୦୭ମିନିଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା । ଦୁର୍ଘଟଣାରେ ସମସ୍ତ ୪ଶ୍ରମିକ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭ ି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅନିରୁଦ୍ଧଙ୍କର ସେଠାରେ ପ୍ରାଣବାୟୁ ଉଡିଯାଇଥିଲା । ବହୁ କଷ୍ଟରେ ପରିବାର ଲୋକେ ମୃତଦେହକୁ ଗାଁକୁ ଆଣିଥିଲେ ହେଁ, ତାଙ୍କ ଶୁଦ୍ଧିକ୍ରିୟା ଏବଂ ପରବ ୀ ସମୟରେ ପରିବାର କିପରି ପ୍ରତିପୋଷଣ ହେବ ଏହାକୁ ନେଇ ପରିବାର ଲୋକେ ଏବେ ନାନା ଚିନ୍ତାରେ । ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଅଭିମନ୍ୟୁ ଧଳ ଓ କେଦାର ମହାନ୍ତି ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ବିନା ମୂଲ୍ୟରେ ହସ୍ତାନ୍ତର ହେଉ ପାଇକ ସ୍ମାରକୀ ଜାଗା

ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀ କେବଳ ଖୋର୍ଦ୍ଧା ବା ଓଡ଼ିଶାର ନୁହେଁ, ସାରା ଦେଶ ପାଇଁ ଏକ ଐତିହାସିକ ସ୍ମାରକୀ ହେବ। ପ୍ରଥମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ପରପିଢି ନିକଟରେ ଚିରସ୍ମରଣୀୟ କରି ରଖିବା ପାଇଁ ଏହା ଏକ ବଳିଷ୍ଠ ପ୍ରୟାସ ହେବ। ଏହି ପରିପ୍ରେକ୍ଷୀରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କୁ ଭେଟି ବରୁଣେଇ ପାଇକ ସ୍ମାରକୀ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସରକାର ବିନା ମୂଲ୍ୟରେ ଜାଗା ହସ୍ତାନ୍ତର କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ପାଇକ ସଂଗ୍ରହାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ। ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନ ପାଇଁ ଦେଢ ଲକ୍ଷ ଟଂକା ଖର୍ଚ୍ଚ ହୋଇଥିଲେ ମଧ୍ୟ ମାତ୍ର କେତେ ଖଣ୍ଡ ବହି ଉନ୍ମୋଚନ କରାଯାଇ ଖୋର୍ଦ୍ଧାବାସୀଙ୍କୁ ଭୁଆଁ ବୁଲାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ସେହିଭଳି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ଖୋର୍ଦ୍ଧା ସ୍ୱାଭିମାନର ପ୍ରତୀକ ହୋଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ନିରୂପିତ ଅଢେଇ ଏକର ଜାଗା ଯଥାଶୀଘ୍ର ହସ୍ତାନ୍ତର ପାଇଁ ଜିଲାପାଳ ମହୋଦୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା।

# କୋଣାର୍କ ଆ, ଇ, ବି ଠାରେ ବସିଲା ଜାତୀୟ ଯୁବ ସଂସଦ

କୋଣାର୍କ, (ପି, ଏନ୍):କୋଣାର୍କ ଆ,ଇ,ବି ଠାରେ ଯୁବ ନେତୃତ୍ୱ ଓ ଭାଗିଦାରୀ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ, ଓଡ଼ିଶା, ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ୍ ଏବଂ ୟଙ୍ଗ ଇଣ୍ଡିଆର ମିଳିତ ସହଯୋଗରେ ଓଡ଼ିଶାର ଐତିହାସିକ ସହର କୋଣାର୍କ, ପୁରୀରେ ୨୦୨୫ ମେ' ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଯୁବ ସଂସଦ ୨୦୨୫ ଆୟୋଜନ କରୁଛି। ସ୍ଥାନୀୟ ପୂର୍ତ୍ତ ବିଭାଗର ଡାକ ବଙ୍ଗଳା କୋଣାର୍କ ଠାରେ ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯକ୍ରମର ରୂପରେଖ ଉପରେ ଆଲୋଚନା କରିଥିଲେ। ପୁର୍ବତନ ନିର୍ଦ୍ଦେଶକ, ନେହେରୁ ଯୁବ କେନ୍ଦ୍ର ସଂଗଠନ ଶ୍ରୀ ସତ୍ୟପ୍ରକାଶ ପଟ୍ଟନାୟକ ତଥା ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ସମାଜରେ ଗ୍ରାମାଞ୍ଚଳର ଯୁବକ ମାନଙ୍କର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ବିକଶୀତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରତିଷ୍ଠାତା ୟଙ୍ଗ ଇଣ୍ଡିଆ କୋଣାର୍କ ଏନ ଅନ୍ସାରୀ ବିଭିନ୍ନ ପ୍ରକାର ଉନ୍ନତି ଦିଗରେ ଓଡ଼ିଶା ଅଛି ବୋଲି କହିଥିଲେ। ଆଜିର ସଭାକୁ ଏହି କାର୍ଯ୍ୟକ୍ରମର ନିର୍ଦ୍ଦେଶକ ରାମକୃଷ୍ଣ ମହାନ୍ତି ପରିଚାଳନା କରିଥିଲେ । 'ବିକସିତ୍ ଇଷବକ୍ସବଗ୍ଧଅ୨୦୪୭ ପାଇଁ ଯୁବ-ନେତୃତ୍ୱାଧୀନ ଭିଜନ୍' ଶୀର୍ଷକ ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଆଦିବାସୀ ଓ ଗ୍ରାମାଞ୍ଚଳ, ଏନ୍‌ଏସ୍‌ଏସ୍, ଏନ୍ଆଇକେଏସ୍, ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ ଏବଂ ଜାତୀୟ ଯୁବ ପୁରସ୍କାର ବିଜେତାଙ୍କ ସମେତ ବିଭିନ୍ନ ପୃଷ୍ଠଭୂମିକୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ୨୮ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୨୦୦ ଜଣ ଯୁବ ନେତା ଏକାଠି ହେବେ। ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଯୁବ ସଂସଦ ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସଂସଦୀୟ ବିତର୍କର ଅଧିବେଶନକୁ ଅନୁକରଣ କରିବ। କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଫଳାଫଳ ହେବ 'କୋଣାର୍କ ଯୁବ ଘୋଷଣାନାମା ୨୦୨୫', ଯାହାକୁ ନୀତି ନିର୍ଦ୍ଧାରଣରେ ବିଚାର ପାଇଁ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନୀତି ଆୟୋଗକୁ ପ୍ରଦାନ କରାଯିବ ।ଉଦଘାଟନୀ ଅଧିବେଶନରେ ଯୁବସେବା ଓ କ୍ରୀଡ଼ା ବିଭାଗ (ଓଡ଼ିଶା), ସାଂସଦ, ବିଧାୟକ, ଯୁବମନ୍ତ୍ରୀ ଓ ନୀତି ବିଶେଷଜ୍ଞମାନେ ଉଦ୍ ବୋଧନ ଦେବେ ବୋଲି ଆଶା ରଖିଛି ସାମାଜିକ ଅନୁଷ୍ଠାନ ପ୍ରକଳ୍ପ ପଏଣ୍ଟ ଓଡ଼ିଶା । ଏହି କାର୍ଯ୍ୟକ୍ରମରେ ନେତୃତ୍ୱ, ଉଦ୍ୟୋଗ, ନୀତି ପ୍ରଣୟନ ଓ ଗୋଷ୍ଠୀ ସେବା ଉପରେ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହେବ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday April 13 | ଭୁବନେଶ୍ୱର ରବିବାର, ୧୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପାରାଦୀପ ବନ୍ଦର ଓ ମିଡ଼ିଆ ଟିମ ମଧ୍ୟରେ ଆୟୋଜିତ କ୍ରିକେଟ ମ୍ୟାଚ୍ ରେ ମିଡ଼ିଆ ଟିମ ବିଜୟୀ

ପାରାଦୀପ,(ପି.ଏନ): ପାରାଦୀପ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଚାଲିଥିବା ଚତୁର୍ଥ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ଶନିବାର ଅପରାହ୍ନ ରେ ପାରାଦୀପ ବନ୍ଦର ପ୍ରାଧିକାରଣ ଏବଂ ପାରାଦୀପ ମିଡ଼ିଆ କ୍ରିକେଟ ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଟସ୍ ଜିଣି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତି ନେଇ ପାରାଦୀପ ପୋର୍ଟ ଟିମ ର କ୍ୟାପଟେନ ଡା.ଦୁର୍ଗା ପ୍ରସାଦ ସେଠୀ ଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୬୩ ରନ ସ୍କୋର କରିଥିଲା । ଜବାବ ରେ ମିଡ଼ିଆ କ୍ରିକେଟ ଟିମ ର କ୍ୟାପଟେନ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଦଳ ୮ ଓଭର ୨ ଟି ବଲରେ ୪ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ବିଜୟଲାଭ କରିଥିଲେ । ଏହି ମ୍ୟାଚ୍ କୁ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ତଥା କ୍ରୀଡା



ସଂଗଠକ ରବୀନ୍ଦ୍ର ଦାସ ପରିଚାଳନା କରିଥିଲେ । ଏହି ମ୍ୟାଚ୍ ରେ ଅମ୍ପାୟାର ଭାବେ ବିଭୁତି ବରାଳ ଓ ଅଜିତ ଦାସ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ମୁଖ୍ୟ ଅର୍ଥ ପରାମର୍ଶଦାତା ଡ଼ଃ. ଡି.ଏନ.ସୋନ୍ଧୀ ମୁଖ୍ୟ ଅତିଥି ଓ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ମିଡ଼ିଆ କ୍ରିକେଟ ଟିମ କୁ ସିଲ ପ୍ରଦାନ କରିଥିବା ବେଳେ ଏହି ଖେଳ ଆୟୋଜନ ରେ ସହଯୋଗ କରିଥିବା କ୍ରୀଡା ସଂଗଠକ ଶ୍ରୀ ଦାସ ଙ୍କୁ ମିଡ଼ିଆ ଟିମ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସିନିଅର ଡିଟିଏମ ଅକ୍ଷୟ କୁମାର ସାହୁ,ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

## ଭିଏସ୍ଏସ୍ ନଗର ସୁରେନ୍ଦ୍ରସାଏ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର (ପି.ଏନ): ଭିଏସ୍ଏସ୍ ନଗରସ୍ଥିତ ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ଓ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି । କମିଟିର ସଭାପତି ଶ୍ରୀଯୁକ୍ତ ବଂଶୀଧର ବାରିକଙ୍କ ଅଧକ୍ଷତା ତଥା ସାଧାରଣ ସଂପାଦକ ଶ୍ରୀଯୁକ୍ତ ବିପିନ୍ ବିହାର ରାୟଙ୍କ ସଞ୍ଚାଳନରେ ବାର୍ଷିକୋତ୍ସବ ଉଦ୍ଯାପନ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷାବିତ୍ ଓ ସମାଜସେବୀ ଶ୍ରୀଯୁକ୍ତ ଆଦିତ୍ୟ କୁମାର ମହାନ୍ତି ମୁଖ୍ୟ ଅତିଥି ଓ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ ୱାର୍ଡ଼ ନଂ ୧୧ର କର୍ପୋରେଟର ଶ୍ରୀମତୀ ପ୍ରଭାସିନୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ କିପରି ଉଜ୍ୱଳମୟ ହୋଇପାରିବ ତାହାର ଦୃଷ୍ଟାନ୍ତମୂଳକ ମନ୍ତବ୍ୟମାନ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାସମ୍ପନ୍ନ



ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଦୁଇଜଣ ବରିଷ୍ଠ ନାଗରିକ ଯଥା ଶ୍ରୀଯୁକ୍ତ ଶିବପ୍ରସାଦ ମିଶ୍ର ଓ ମହେଶ୍ୱର ବିଶ୍ୱଳ ଏବଂ ବୀର ସୁରେନ୍ଦ୍ରସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସଂପାଦକ ଶ୍ରୀଯୁକ୍ତ ଦିଲ୍ଲିପ ଦାସଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟପକ୍ଷରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଶ୍ରୀଯୁକ୍ତ ଶିବ ପ୍ରସାଦ ମିଶ୍ର ଓ କୈଳାଶ ଚନ୍ଦ୍ର ମିଶ୍ର କୃତୀ ଛାତ୍ରଛାତ୍ରୀଙ୍କୁ ମଧ ଅର୍ଥରାଶି ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର ରାଉତ ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ବୃନ୍ଦ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ବିଦ୍ୟାଳୟ କମିଟିର ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ନିମାଇଁ ଚରଣ ଦାସ, ପ୍ରଦୀପ କୁମାର ସ୍ୱାଇଁ, ସୁରେଶ ଚନ୍ଦ୍ର ଦାସ, ଦେବରାଜ ଭୋଇ, କିଶୋର କୁମାର ଦେହୁରୀ ଓ ସରସ୍ୱତୀ ହୋନାଗାଁଙ୍କ ବଳିଷ୍ଠ ନେତୃତ୍ୱରେ ବାର୍ଷିକ ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା । ଶେଷରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା । ଏହା ଅଭିଭାବକ ଓ ଉପସ୍ଥିତ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା ।

## ଉତ୍ତପ୍ତ ଗରମରୁ ଶ୍ରମିକଙ୍କୁ ଓ ନାଗରିକଙ୍କୁ ରକ୍ଷାକର ଏବଂ ଗରମ ହେତୁ ମୃତ୍ୟୁ ପରିବାରବର୍ଗଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦିଅ

ଭୁବନେଶ୍ୱର,(ପି.ଏନ): ଅତ୍ୟଧିକ ଉତ୍ତପ୍ତ ହେତୁ ହିଟ୍ ଷ୍ଟ୍ରୋକରେ ମୃତ୍ୟୁ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ନାଗରିକ ଓ ଶ୍ରମିକମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ଆଶୁ ବ୍ୟବସ୍ଥା କରିବା ଏବଂ ଦିନ ମଜୁରୀଆଙ୍କ କାମ ୧୧ ଟା ରୁ ୪ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ଦାବି କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଦେଇ ଦାବି କରିଛନ୍ତି । ଡଃ. ଖୁଣ୍ଟିଆ କହିଛନ୍ତି ଯେ ୨୦୧୦ ମସିହାରୁ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ପାଗ ପରିବର୍ତ୍ତନ ହେତୁ ତାପମାତ୍ରା ସୀମା ଅତିକ୍ରମ କରୁଛି । ୨୦୨୪ ମସିହାରେ ଭାରତରେ ସରକାରୀ ତଥ୍ୟ ଅନୁଯାୟୀ ୪୮୧୫୬ ଅଂଶୁଘାତ ହୋଇଥିଲାବେଳେ ୭୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା । ଭାରତରେ ଦିଲ୍ଲୀରେ ମଙ୍ଗେଶପୁରର ତାପମାତ୍ରା ସର୍ବୋଚ୍ଚ ୫୨.୯ ସେଲ୍‌ସିଅସ ହୋଇଥିବାବେଳେ ରାଜସ୍ଥାନର ଫାଲୋଡି ଓ ଚୁରୁ ଠାରେ ସର୍ବାଧିକ ତାପ ରେକର୍ଡିଂ କରାଯାଇଥିଲା । ଓଡ଼ିଶାରେ ଟିଟିଲାଗଡ଼ ଠାରେ ସର୍ବୋଚ୍ଚ ୫୦.୧ ଡିଗ୍ରୀ ସେଲ୍‌ସିଅସ ଓ ଝାରସୁଗୁଡ଼ା, ବଲାଙ୍ଗିର ଓ ବୌଦ୍ଧରେ ଅଧିକ ତାପମାତ୍ରା ରେକର୍ଡ କରାଯାଇଥିଲା । ଏକ ତଥ୍ୟ ଅନୁଯାୟୀ ୨୦୨୪ ମସିହାରେ ଭାରତରେ ଉତ୍ତପ୍ତ ହେତୁ ୭୦୦ ଲୋକଙ୍କର ମୃତ୍ୟୁ ହୋଇଥିଲାବେଳେ ଓଡ଼ିଶାରେ ୧୫୦ ଜଣଙ୍କର ମୃତ୍ୟୁ ହୋଇଛି । ଓଡ଼ିଶାରେ କୃଷି, ନିର୍ମାଣ, ଗିଗ୍ ପ୍ଲାଟଫର୍ମ ୱାର୍କସ, ଦିନ ମଜୁରୀଆ, ପ୍ରବାସୀ ଶ୍ରମିକ ଓ ସାଧାରଣ ନାଗରିକ ଏହି ଉତ୍ତପ୍ତ ଗ୍ରୀଷ୍ମ ପ୍ରବାହରେ ପିଡ଼ିତ । ତାମିଲନାଡୁ ସମେତ କେତେକ ରାଜ୍ୟ ଏହାକୁ ଅଂଶୁଘାତ ଘୋଷଣା କରି ୧୧ ଟାରୁ ୪ ଟା ପର୍ଯ୍ୟନ୍ତ କାମ ବନ୍ଦ କରିବା ଏବଂ ମୃତ୍ୟୁବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁଦାନ ଦେବା ପାଇଁ ତାମିଲନାଡୁ ସରକାର ଘୋଷଣା କରିଛନ୍ତି । ଏଣୁ ଓଡ଼ିଶା ରାଜ୍ୟ ସରକାର ଏହାକୁ ଅଂଶୁଘାତ ଘୋଷଣା କରି ରାଜ୍ୟର ସମସ୍ତ ନାଗରିକ ଓ ଶ୍ରମିକମାନଙ୍କ ମଧ୍ୟରେ ଆତ୍ମରକ୍ଷା ପାଇଁ ସଚେତନତା ଜାଗ୍ରତ କରିବା ଅଂଶୁଗାତ ଘୋଷଣା କରି ପିଡ଼ିତ ଲୋକମାନଙ୍କୁ ସାହାଯ୍ୟ କରିବା ସାରା ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଇଁ ଓ ଆଶ୍ରୟସ୍ଥଳ ବନ୍ଦୋବସ୍ତ କରିବା ଏବଂ ଉତ୍ତପ୍ତ ଗ୍ରୀଷ୍ମ ପ୍ରବାହରେ ମୃତ୍ୟୁକଙ୍କ ପରିବାରକୁ ତୁରନ୍ତ ୧୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ଡଃ ଖୁଂଟିଆ ଭାରତର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ।

## ସାରା ଭାରତରେ ମିଳିବ ମାଗଣା ଗୁଣାତ୍ମକ ଚିକିତ୍ସା

କୋଣାର୍କ, (ପି,ଏନ୍) : କୋଣାର୍କ ଥାନା ନିକଟ ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶାର ମାର୍ଗ ପ୍ରଶସ୍ତ ହୋଇ ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋବନ୍ଦନା ଯୋଜନା'ର ଶୁଭାରମ୍ଭ ହୋଇଛି । ଲୋକଙ୍କ କଲ୍ୟାଣ ପାଇଁ ଏହି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବିନାମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିଛି । ଯାହା ପ୍ରତି ହିତାଧିକାରୀଙ୍କୁ ସାରା ଭାରତରେ ମିଳିବ ମାଗଣା ଗୁଣାତ୍ମକ ଚିକିତ୍ସା । ଏନେଇ ଶୁକ୍ରବାର ଆୟୁଷ୍ମାନ ଭାରତ କାର୍ଡ ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ କାକଟପୁର ବ୍ଲକ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଓ ଅଧକ୍ଷ ଶ୍ରୀଧର ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକର ୪ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାକଟପୁର, ଫକିରସାହି, ପାଟପୁର ଓ ବାଲିଦୋକାନରେ ପୃଥକ୍ ପୃଥକ୍ ଭାବେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉପସ୍ଥିତ ହିତାଧିକାରୀ ମାନେ ସିଧା ପ୍ରସାରଣ ଦ୍ୱାରା ଆୟୁଷ୍ମାନ ଭାରତ କାର୍ଡ ଶୁଭାରମ୍ଭ ଦେଖିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ବାଲିଯାତ୍ରା ପଡିଆରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ସମେତ ଅନେକ ନେତା ମନ୍ତ୍ରୀ ମାନେ ଉପସ୍ଥିତ ଥିଲେ । କାକଟପୁର ବାଲିଦୋକାନ ହାଟ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ବାଙ୍ଗୁରୀ ଗାଁ ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡଃ ଶାନ୍ତି ଭୂଷଣ ଜେନା, ବାଲିଦୋକାନ ମେଡ଼ିକାଲ ଅଫିସର ଡଃ ଅବିନାଶ ସ୍ୱାଇଁ , ବିପିଏମ ଅମିତ୍ ଉପାଧ୍ୟାୟ, ସରପଞ୍ଚ ରୂପାଲି କାଣ୍ଡି, ଯନ୍ତ୍ରୀ ଭାଗ୍ୟଧର ଧଳ, ଅଜୟ ଜେନା ପ୍ରମୁଖ ଯୋଗ ଦେଇ ଆୟୁଷ୍ମାନ ଭାରତ କାର୍ଡ ଉପରେ ହିତାଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ୫ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ଗୋଷ୍ଠୀ ସଭ୍ୟା ଓ ହିତାଧିକାରୀ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ପରିଚାଳନା କରିଥିଲେ ।

## ଓଡ଼ିଆ ପ୍ରସ୍ତରଶିଳ୍ପୀଙ୍କୁ ପ୍ରଶଂସା, ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କଲେ ସମ୍ମାନୀତ



ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ପ୍ରସ୍ତରଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ସମ୍ମାନୀତ ଓ ପ୍ରଂଶସା କରିଛନ୍ତି ପୂର୍ବତନ ରାଷ୍ଟପତି ରାମନାଥ କୋବିନ୍ଦ । କୋଲକତା ଅଗରପରାରେ ରାମନାଥ କୋବିନ୍ଦ ରାମକୃଷ୍ଣ ମିଶନର ହିରକ ଜୟନ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେଠାରେ ରାମକୃଷ୍ଣ ମିଶନରେ ଶ୍ରୀ ରାମକୃଷ୍ଣ ପରମାହଂସ, ମା ସାରଦା, ଶ୍ରୀ ବିବେକାନନ୍ଦ, ଶ୍ରୀ ବ୍ରହ୍ମାନନ୍ଦଙ୍କ ପ୍ରସ୍ତରମୂର୍ତ୍ତିକୁ ତିଆରି କରିଥିଲେ ପଦ୍ମଶ୍ରୀ ପ୍ରଭାକର ମହାରଣା । ଏହାକୁ ଉଦ୍‌ଘାଟନ କରି ଶ୍ରୀକୋବିନ୍ଦ ପ୍ରସ୍ତରଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ପ୍ରଂଶସା କରି କହିଥିଲେ ଯେ, ଓଡ଼ିଶାର ପ୍ରସ୍ତରଶିଳ୍ପୀ ଅତି ନିଖୁଣ ଭାବେ ମୂତିକୁ ଗଢ଼ି ଜୀବନ୍ତ ରୂପ ଦେଇଛନ୍ତି । ଓଡ଼ିଶାର କଳାକୃତି ପ୍ରାଚୀନ କାଳରୁ ଅର୍ଜିତ ପାରଦର୍ଶିତା ଆମ ଦେଶର ଐତିହ୍ୟର ପରିଚୟ ଦେଇ ଆସୁଛି । ଭାରତବର୍ଷ କଳା ସଂସ୍କୃତିର ପ୍ରାଣକେନ୍ଦ୍ର । ଦେଶର ଭାବାବେଗର ସହ ଏହା ଜଡ଼ିତ । ଆମ କଳା ଭାସ୍କର୍ଯ୍ୟ ସଂସ୍କୃତିକୁ ଅଧିକ ଉତ୍କର୍ଷ କରି ଜାତୀୟ ଏକତାକୁ ସୁଦୃଢ଼ କରି ରଖିଛି ।

## ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ରାସ୍ତା ଶୋଚନୀୟ

ଧର୍ମଗଡ଼,(ପି.ଏନ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି ହେଲେ ଦୁର୍ଭାଗ୍ୟ ବଶତଃ ଆଦର୍ଶ ବିଦ୍ୟାଳୟର ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ ପଡି ନାହିଁ ବୋଲି ପ୍ରକାଶ କରିଛନ୍ତି ।ଯାହା ଫଳରେ ରାସ୍ତା ଫାଟ ସୃଷ୍ଟି ହୋଇ ଆଁ କରିଛି, ସେହି ରାସ୍ତାର ଅବସ୍ଥାର ଚିତ୍ର ପର୍ଯ୍ୟବେକ୍ଷକ ନିଉଜରେ ପ୍ରସାର କରୁଛୁ, ଯାହାକି ଯାତାୟାତ କରୁ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଗତି କରୁଛି ।ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧିନରେ ଥିବା ଆଦର୍ଶ ବିଦ୍ୟାଳୟର ରାସ୍ତା ବିପଦ ସଙ୍କଟାପନ୍ନ ଅବସ୍ଥାରେ ଗତି କରୁଛି, ଏହି ଆଦର୍ଶ ବିଦ୍ୟାଳୟରେ ସରକାରୀ ଛୋଟି ବ୍ୟତୀତ ନୈନିକ ଦିନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଦୂରୁ



ଦୂରାନ୍ତରୁ ଡ୍ରାଇଭର ଭାଇମାନେ ନେବା ଆଣିବା କରୁ ଥିବା ବେଳେ ବିଜୁ ପକ୍କା ରାସ୍ତା ଠାରୁ କିଛି ଦୂରରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ, ରାସ୍ତାରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମଧ ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଉଛନ୍ତି ହେଲେ ଦୁର୍ଭାଗ୍ୟ ବଶତଃ ଯେ ତାଙ୍କର ଦୃଷ୍ଟି ଆକର୍ଷଣ ଥିଲେ ମଧ କିମ୍ବା ବ୍ଲକ ପ୍ରଶାସନକୁ ଜଣାଇ ଥିଲେ ମଧ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଭାବକ ମାନେ ଓ ଡ୍ରାଇଭର ପକ୍ଷରୁ କ୍ଷୋଭ ପ୍ରକାଶ କରିଛନ୍ତି । ଅଭିଭାବକ ଗୌର ଚନ୍ଦ୍ର ଦୂର୍ଗା ଡ୍ରାଇଭର କରୁଣା ମାଝୀ ଓ ଶୁଭମ୍ ଭୋଇ ପକ୍ଷରୁ ପର୍ଯ୍ୟବେକ୍ଷକ ରିପୋର୍ଟର ଜଗଜ୍ଜିବନ ସାଙ୍କ ଠାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ ଗତ କିଛି ଦିନ ତଳେ ଏହି ବିଦ୍ୟାଳୟର ଛାତ୍ର ଦୁଇ ଜଣ ଦୁର୍ଘଟଣା ଶିକାର ହୋଇ ଥିଲେ ବୋଲି ପ୍ରକାଶ କରିଛନ୍ତି । ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଙ୍କ ବିକାଶର ପ୍ରଭାବ କାଳହଣ୍ଡିରେ ଚର୍ଚ୍ଚାର ବିଷୟ ପାଲଟିଛି । ସେ ଚାହିଁଲେ ଅଳ୍ପ ଦିନ ମଧ୍ୟରେ ରାସ୍ତା ନିର୍ମାଣ ହୋଇ ପାରିବ ବୋଲି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଡ଼ିଓ ଶ୍ରୀଧର ପଣ୍ଡା ସାର ଙ୍କୁ ଫୋନ ଯୋଗେ ପଚାରିବାରୁ ସେ ମଧ ଦୁଃଖ ପ୍ରକାଶ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray